



ସିଟି କଟକ

# କଟକରେ ଜଣ୍ଡିସ୍ ଆତଙ୍କ
# ଶେଖବଜାର ଓ ମାନସିଂହପାଟଣା ସ୍ଥିତି ଗମ୍ଭୀର

କଟକ,୧୮ ।୨(ସମିସ):

ସିଲଭର ସିଟି କଟକରେ ଜଣ୍ଡିସ ପୁଣି ଥରେ ନିଜର କାୟା ବିସ୍ତାର କରିବା ଆରମ୍ଭ କରିଛି, ଯାହା ସହରବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ବିଶେଷ କରି କଟକ ମହାନଗର ନିଗମର ୧୦ ଏବଂ ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଶେଖବଜାର, ମାନସିଂହପାଟଣା, ମସ୍ତରାମ ମଠ ରୋଡ୍ ଏବଂ ରାମଗଡ଼ ଅଞ୍ଚଳରେ ଅନେକ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ପାଖାପାଖି ୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି ଏବଂ ସେମାନେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରୋଗ ବ୍ୟାପୁଥିଲେ ମଧ୍ୟ ପ୍ରଶାସନ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର କୌଣସି ଟେର ପାଇ ନ ଥିଲା। ମଙ୍ଗଳବାର ସିଏମସି ମେୟର, କମିସନର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲା ବେଳେ ବୁଧବାର ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ପ୍ରାୟ ୬୦ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ମୋବାଇଲ୍ ହେଲଥ ୟୁନିଟ୍ ଟିମ୍ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସେମାନଙ୍କୁ ସଚେତନ କରୁଛନ୍ତି। ମଙ୍ଗଳବାର ସଂଗୃହୀତ ନମୁନା ମଧ୍ୟରୁ ଆଉ ଜଣେ ନୂଆ ରୋଗୀ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ଅଧିକ ସତର୍କ ହୋଇଛି। ଜଣ୍ଡିସର ମୁଖ୍ୟ କାରଣ ଦୂଷିତ ଜଳ ହୋଇଥିବାରୁ ୱାଟକୋ ପକ୍ଷରୁ ପ୍ରତ୍ୟେକ ଘରର ପାନୀୟଜଳ ନମୁନା ପରୀକ୍ଷା କରାଯାଉଛି। ଅନେକ ପାଇପ୍ ଲାଇନ୍ ଡ୍ରେନ୍ କିମ୍ବା ନାଳ ମଧ୍ୟ ଦେଇ ଯାଇଥିବାରୁ ସେଗୁଡ଼ିକୁ ତୁରନ୍ତ ଉପରକୁ ଉଠାଇବା କାର୍ଯ୍ୟ ଜାରି ରହିଛି। ସିଏମସି ପକ୍ଷରୁ ପ୍ରଭାବିତ ସାହିଗୁଡ଼ିକରେ ବ୍ଲିଚିଂ ପାଉଡର ପକାଯିବା ସହ ପ୍ରତି ଘରେ କ୍ଲୋରିନ୍ ବଟିକା ବଣ୍ଟନ କରାଯାଉଛି। ନାଳ ସଫା ନ ହେବା ଓ ପାଇପ୍ ଫାଟି ନାଳ ପାଣି ମିଶିବା ଯୋଗୁଁ ଏହି ସମସ୍ୟା ଉପୁଜିଥିବା ଲୋକମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କେଉଁ ନିର୍ଦ୍ଦିଷ୍ଟ କାରଣରୁ ବା କେଉଁ ଉତ୍ସରୁ ଏହି ରୋଗ ଏତେ ବ୍ୟାପକ ଭାବେ ବ୍ୟାପିଲା, ସେନେଇ କୌଣସି ବିଭାଗ ସ୍ପଷ୍ଟ ସୂଚନା ଦେଇନାହାନ୍ତି।

**ସ୍ୱାସ୍ଥ୍ୟ ଶିବିରରୁ ରକ୍ତ ନମୁନା ସଂଗ୍ରହ**

**୨୦ ଆକ୍ରାନ୍ତଙ୍କ ମଧ୍ୟରୁ ୫ ଗୁରୁତର**

**ଡ୍ରେନ୍‌ରୁ ପାଣି ପାଇପ୍ ଉଠାଇବା କାର୍ଯ୍ୟ ଆରମ୍ଭ**

## ସ୍ଥିତି ଅନୁଧ୍ୟାନ କଲେ ବିଧାୟିକା ସୋଫିଆ

କଟକ ମହାନଗର ନିଗମର ୱାର୍ଡ ନଂ ୧୦ ଓ ୧୨ ଅନ୍ତର୍ଗତ ଶେଖବଜାର ଏବଂ ମାନସିଂହପାଟଣା ଅଞ୍ଚଳରେ ଜଣ୍ଡିସ ବ୍ୟାପିବା ଘଟଣାକୁ ନେଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋଷ ସ୍ଥିତି ଅନୁଧ୍ୟାନ କରିବା ସହ ସଂକ୍ରମିତ ବ୍ୟକ୍ତି ଓ ସେମାନଙ୍କ ପରିବାରବର୍ଗଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ରୋଗୀଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସହାୟତା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ପରିଦର୍ଶନ ସମୟରେ ବିଧାୟିକା ଅଞ୍ଚଳର ଅପରିଷ୍କାର ଡ୍ରେନ ଓ ପରିମଳ ବ୍ୟବସ୍ଥା ଦେଖି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦୂଷିତ ଜଳ ଯୋଗୁଁ ଜଣ୍ଡିସ ସଂକ୍ରମଣ ବଢ଼ୁଥିବାରୁ ତୁରନ୍ତ ପୁରୁଣା ପାଣି ପାଇପଗୁଡ଼ିକୁ ବଦଳାଇବା ସହ ନାଳନର୍ଦ୍ଦମା ସଫା କରି ପ୍ରତି ଗଳିରେ ବ୍ଲିଚିଂ ପାଉଡର ପକାଇବାକୁ ସେ ସିଏମସି ଏବଂ ୱାଟକୋ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ସ୍ଥିତି ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ବିଧାୟିକାଙ୍କ ସହ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଓ ଅନ୍ୟ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ପରିମଳ ବ୍ୟବସ୍ଥାକୁ ନେଇ ଅସନ୍ତୋଷ**



## ସିଟି ହସ୍ପିଟାଲରେ ଜରୁରିକାଳୀନ ଜଣ୍ଡିସ ୱାର୍ଡ ପାଇଁ ଦାବି



କଟକ ସହରର ବିଭିନ୍ନ ୱାର୍ଡ ତଥା ସାହି ବସ୍ତିରେ ଜଣ୍ଡିସ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ଏହାର ପ୍ରତିକାର ପାଇଁ ସାମାଜିକ ସଂଗଠନ "ଭଏସ ଅଫ କଟକ' ଆଗେଇ ଆସିଛି। ଆକ୍ରାନ୍ତ ରୋଗୀଙ୍କୁ ସଠିକ୍ ଓ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ସଂଗଠନ ପକ୍ଷରୁ କଟକ ସିଟି ହସ୍ପିଟାଲ ଅଧୀକ୍ଷକ ଡାକ୍ତର ଚନ୍ଦନ ଗଡ଼ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହରରେ ରୋଗୀଙ୍କ ସଂଖ୍ୟା ବଢ଼ୁଥିବାରୁ ହସ୍ପିଟାଲରେ ଏକ ସ୍ୱତନ୍ତ୍ର "ଜଣ୍ଡିସ ଜରୁରିକାଳୀନ ୱାର୍ଡ' ସ୍ଥାପନ କରିବା ସହ ସେଠାରେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରିବାକୁ ସଂଗଠନ ପକ୍ଷରୁ ଜୋରଦାର ଦାବି ହୋଇଛି। ଏହି ଅବସରରେ ସଂଗଠନର ସଭାପତି ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ସୌମ୍ୟଦୀପ ଘୋଷ ଏବଂ ଉପସଭାପତି ସିଦ୍ଧାର୍ଥ ନନ୍ଦ ଜଣ୍ଡିସ ସ୍ଥିତି ସମ୍ପର୍କରେ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରଖାନାରେ ଆବଶ୍ୟକୀୟ ଔଷଧ ଓ ରକ୍ତ ପରୀକ୍ଷା ସୁବିଧା ଯେପରି ରୋଗୀଙ୍କୁ ସହଜରେ ମିଳିପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଥିଲା। ଉପଦେଷ୍ଟା ଜଗତଜ୍ୟୋତି ପଟ୍ଟନାୟକ, ରୁଦ୍ରମୋହନ ମହାପାତ୍ର, ବିବେକାନନ୍ଦ ସାହୁ, ଅମିତ ମହାନ୍ତି, ସାଗର କାହାଳି, ଏମଡି ସାବୀର ଆନସାର, ସୁମିତ ରାଏ ଓ ମନୋଜ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ସହରବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସଂଗଠନର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

**ଅଧୀକ୍ଷକଙ୍କୁ ଭେଟିଲା 'ଭଏସ୍ ଅଫ କଟକ'**

---

**ହାଇକୋର୍ଟରେ ଚିକିତ୍ସା ଅବହେଳାର ତଦନ୍ତ ମାମଲା**

## ସ୍ଥିତି ଜଣାଇବାକୁ ମଙ୍ଗଳାବାଗ ପୁଲିସକୁ ନିର୍ଦ୍ଦେଶ

କଟକ,୧୮ ।୨(ସମିସ): କଟକ ରାଣୀହାଟସ୍ଥିତ ଏକ ଘରୋଇ ହସ୍ପିଟାଲରେ ଜଣେ ମହିଳାଙ୍କ ଅସ୍ତ୍ରୋପଚାର ସମୟରେ ହୋଇଥିବା ଚିକିତ୍ସା ଅବହେଳା ମାମଲାକୁ ହାଇକୋର୍ଟ ଗୁରୁତର ସହ ଶୁଣାଣି କରୁଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପରେ ବି ଏହି ଅଭିଯୋଗ ସମ୍ପର୍କିତ ତଦନ୍ତର ସ୍ଥିତି ସମ୍ପର୍କରେ ସମ୍ପୃକ୍ତ ପୁଲିସ ଅଧିକାରୀ ଅବଗତ ନ କରାଇବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ମଙ୍ଗଳାବାଗ ଥାନା ପୁଲିସକୁ ପରବର୍ତ୍ତୀ ଶୁଣାଣି ବେଳେ ତଦନ୍ତର ସ୍ଥିତି ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି; ନଚେତ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ ଜାରି କରାଯିବା ସହ ଡିସିପିଙ୍କୁ ରିପୋର୍ଟ ତଲବ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଉକ୍ତ ହସ୍ପିଟାଲରେ ଆବେଦନକାରୀଙ୍କର ଏକ ଅସମ୍ପୂର୍ଣ୍ଣ ଗର୍ଭପାତ ପାଇଁ ହୋଇଥିବା ଅସ୍ତ୍ରୋପଚାରରେ ଡାକ୍ତରମାନେ ଅବହେଳା କରିଥିଲେ। ଏହି ଘଟଣାକୁ ଚାପି ଦେବା ପାଇଁ ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ଟଙ୍କାର ପ୍ରଲୋଭନ ଦେଖାଯାଇଥିବା ସେ ଦର୍ଶାଇଛନ୍ତି। ଏପରିକି ହସ୍ପିଟାଲର 'ରିସ୍କ ବଣ୍ଡ' କାଗଜପତ୍ରରେ ତାଙ୍କର ଓ ତାଙ୍କ ମା'ଙ୍କର ଜାଲ୍ ଦସ୍ତଖତ କରାଯାଇଥିବା ନେଇ ମଧ୍ୟ ସେ ଅଭିଯୋଗ କରିଛନ୍ତି। ମଙ୍ଗଳାବାଗ ପୁଲିସ ଏହି ମାମଲାର ସଠିକ୍ ତଦନ୍ତ କରୁ ନ ଥିବା ଦର୍ଶାଇ ଆବେଦନାକରୀ ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରାଇବାକୁ ହାଇକୋର୍ଟରେ ଆବେଦନ କରିଛନ୍ତି। କଟକ ସହର ଭିତରେ ମଙ୍ଗଳାବାଗ ଥାନା ଅବସ୍ଥିତ ହୋଇଥିଲେ ସୁଦ୍ଧା ତଦନ୍ତ ସମ୍ପର୍କିତ ସୂଚନା କୋର୍ଟଙ୍କୁ ନ ମିଳିବାକୁ ନେଇ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

## ଜେଇ ମୁଖ୍ୟ ପରୀକ୍ଷାରେ ନାଳନ୍ଦା ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ରେକର୍ଡ ସଫଳତା

**ଛାତ୍ର ହିତେଶ ଗୋଦରା ୯୯.୯୩ ଶତକଡ଼ା ନମ୍ବର ରଖି ଜିଲ୍ଲା ଟପ୍ପର**






କଟକ,୧୮ ।୨(ସମିସ): ସର୍ବ ଭାରତୀୟ ଜେଇ ମୁଖ୍ୟ ପରୀକ୍ଷାରେ ନାଳନ୍ଦା ପବ୍ଲିକ ସ୍କୁଲକୁ ମିଳିଛି ଅଭୂତ ସଫଳତା। ଏହି ସ୍କୁଲର ଛାତ୍ର ହିତେଶ ଗୋଦରା ୯୯.୯୩ ପ୍ରତିଶତ ନମ୍ବର ରଖି କଟକ ଜିଲ୍ଲା ଟପ୍ପର ହୋଇଥିବାରୁ ପ୍ରତିଷ୍ଠାତା ଅଧ୍ୟକ୍ଷା ସୁଶ୍ରୀ ଯଶସ୍ୱିନୀ ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟର କୃତିତ୍ୱ ଲାଭ କରିଥିବା ଛାତଛାତ୍ରୀଙ୍କ ମଧ୍ୟରେ ସାନଭି ସାହୁ ୯୮.୯୯ ପ୍ରତିଶତ, ଓଜାସ ପାଣ୍ଡେ ୯୮.୭୩ ପ୍ରତିଶତ ଓ ଅଂଶୁମାନ ଜୟଦୁର୍ଗା ୯୬.୪୬ ପ୍ରତିଶତ ମାର୍କ ରଖି ସର୍ବଭାରତୀୟ ଜେଇ ମୁଖ୍ୟ ପରୀକ୍ଷାରେ ନାଳନ୍ଦା ପବ୍ଲିକ ସ୍କୁଲର ଗରିମା ବୃଦ୍ଧି କରିଛନ୍ତି। ସେମାନଙ୍କର ଏହି ସଫଳତା ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଅଭିଭାବକଙ୍କ ଗାଇଡାନ୍ସ ଓ ବିଦ୍ୟାର୍ଥୀଙ୍କ କଠିନ ପରିଶ୍ରମର ଫଳ ଯାହା କନିଷ୍ଠଙ୍କୁ ପ୍ରେରଣା ଦେବ ବୋଲି ଅଧ୍ୟକ୍ଷା ସୁଶ୍ରୀ ପଟ୍ଟନାୟକ କହିଛନ୍ତି। ସଫଳତା ପାଇଥିବା ଛାତ୍ରଛାତ୍ରୀମାନେ ନାଳନ୍ଦା ପବ୍ଲିକ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ଶିକ୍ଷାଦାନ ପଦ୍ଧତି, ସଂସ୍କାର ଓ ପରିବେଶ ଆଜି ସେମାନଙ୍କୁ ଶୀର୍ଷରେ ପହଞ୍ଚାଇ ପାରିଛି ବୋଲି କହିଛନ୍ତି।

**ନୂଆପଡ଼ା ଗୁଳିମାଡ଼ ଘଟଣା**




ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ ଟିମ୍‌ର ଅନୁଧ୍ୟାନ

## ଦୋକାନ ଘର ଦଖଲ ପାଇଁ ରାତିଅଧିଆ ଷଡ଼ଯନ୍ତ୍ର ପଣ୍ଡ

**ପୁଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର; ଜଣେ ଗିରଫ, ୩ ଫେରାର**

କଟକ,୧୮ ।୨(ସମିସ): କଟକରେ ଜମିବାଡ଼ି ବିବାଦକୁ ନେଇ ଜଣେ ବ୍ୟବସାୟୀଙ୍କୁ ଧମକ ଦେବା ସହ ପୁଲିସ ଉପରେ ଆକ୍ରମଣ କରିବା ଭଳି ଏକ ସାଙ୍ଘାତିକ ଘଟଣା ସାମ୍ନାକୁ ଆସିଛି। ଚାଉଳିଆଗଞ୍ଜ ଥଟାରୀସାହିର ଗଜାନନ ସାହୁଙ୍କ ଏକ ଭଡ଼ା ଦୋକାନ ଘରକୁ ଜବରଦସ୍ତ ଦଖଲ କରିବା ପାଇଁ ଜମି ଖରିଦକାରୀ ଓ ତାଙ୍କ ସହଯୋଗୀମାନେ ମଙ୍ଗଳବାର ରାତି ସାଢ଼େ ୧୨ଟାରେ ସେଠାରେ ପହଞ୍ଚିଥିଲେ। ଦୋକାନ ଆଗରେ ତିନି ଟ୍ରିପ୍ ବାଲି ଗଦାଇବା ସହ ବ୍ୟବସାୟୀଙ୍କୁ ଗାଳିଗୁଲଜ କରି ଘର ଖାଲି ନ କଲେ ଭାଙ୍ଗିଦେବାକୁ ଧମକ ଦେଇଥିଲେ। ଘଟଣାର ମୂଳ କାରଣ ହେଉଛି ୨୦୦୬ ମସିହାରେ ହୋଇଥିବା ଏକ ୩୦ ବର୍ଷିଆ ଚୁକ୍ତିନାମା। ଗଜାନନ ସାହୁ ୨୦୩୬ ମସିହା ପର୍ଯ୍ୟନ୍ତ ବିଶ୍ୱନାଥ ସାହୁଙ୍କଠାରୁ ଦୁଇଟି ପ୍ଲଟ୍ ଭଡ଼ାସୂତ୍ରରେ ନେଇଥିଲେ। ମାତ୍ର ପରିବାର ମଧ୍ୟରେ ଜମି ଭାଗବଣ୍ଟା ହେବା ପରେ ଜଣେ ସଦସ୍ୟ ନିଜ ଭାଗର ପ୍ଲଟ୍‌କୁ ବିକ୍ରି କରିଦେଇଥିଲେ। ନୂତନ ଖରିଦକାରୀ କୋର୍ଟଙ୍କ ଶୃଙ୍ଖଳାରକ୍ଷା ନିର୍ଦ୍ଦେଶକୁ ଅମାନ୍ୟ କରି ଜବରଦସ୍ତ ଦଖଲ ପାଇଁ ଗୁଣ୍ଡାଗର୍ଦ୍ଦିର ସାହାରା ନେଇଥିଲେ। ଗଜାନନଙ୍କ ଅଭିଯୋଗ ପାଇ ସିଆରଆରଆଇ ଥାନା ଏସଆଇ ଝୁନୁଲତା ବେହେରା ପହଞ୍ଚିବାରୁ ଅଭିଯୁକ୍ତମାନେ ତାଙ୍କୁ ଠେଲାପେଲା କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳି ଦେଇଥିଲେ। ଖବର ପାଇ ଥାନା ଆଇଆଇସି ପିଟି ଗଣେଶ ସାହୁ ପହଞ୍ଚିବା ପରେ ଜଣେ ଅଭିଯୁକ୍ତ "ବରିଷ୍ଠ ଅଧିକାରୀ ମୋ ସହ ଅଛନ୍ତି' କହି ଖୋଦ୍ ଥାନା ଅଧିକାରୀଙ୍କୁ ନାଲି ଆଖି ଦେଖାଇଥିଲା। ସ୍ଥିତି ବିଗିଡ଼ିବା ଦେଖି ଚାଉଳିଆଗଞ୍ଜ ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡା ଅତିରିକ୍ତ ବଳ ସହ ପହଞ୍ଚିଥିଲେ। ପୁଲିସ ଚଢ଼ଉ ବେଳେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣ ଖସି ପଳାଇବାରେ ସଫଳ ହୋଇଥିବା ବେଳେ ପୁଲିସ ଚେତନ ଶର୍ମା ନାମକ ଜଣେ ଯୁବକକୁ ମାଡ଼ି ବସିଥିଲା। ଚେତନର ଘର ଚାଉଳିଆଗଞ୍ଜ ଅଞ୍ଚଳରେ ବୋଲି ଜଣାପଡ଼ିଛି। ପୁଲିସକୁ କାର୍ଯ୍ୟରେ ବାଧା ଦେବା ଏବଂ ଆକ୍ରମଣ କରିବା ଅଭିଯୋଗରେ ତାଙ୍କୁ କୋର୍ଟ ଚାଲାଣ କରାଯାଇ ଜେଲ ହାଜତକୁ ପଠାଯାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଥିବା ଜୋନ୍ ଏସିପି ସୁଧାଂଶୁ ଭୂଷଣ ଜେନା ସୂଚନା ଦେଇଛନ୍ତି।

---

## ବାରିଷ୍ଟର ରଞ୍ଜିତ ମହାନ୍ତି ଓ ସତ୍ୟବ୍ରତ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜିଠୁ




କଟକ,୧୮ ।୨(ସମିସ): ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତା ଫେବୃଆରୀ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ୧୧ତମ ବାରିଷ୍ଟର ରଞ୍ଜିତ ମହାନ୍ତି ଓ ସତ୍ୟବ୍ରତ ବେହେରା ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ସମସ୍ତ ମ୍ୟାଚ୍ ଟି-୨୦ ଫର୍ମାଟରେ ଏବଂ ଆଇସିସି ନିୟମ ଅନୁଯାୟୀ ଡ୍ୟୁସ୍ ବଲ୍‌ରେ କଟକର ଗତିରାଉତପାଟଣା ଏବଂ ବସୁନ୍ଧରା ପଡିଆରେ ଖେଳାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ବୋର୍ଡ ଅଫ ରେଭିନ୍ୟୁ ବାର, ଏମଭି ଲୟର ବାର, ସିଏଟି ବାର, ବାଲେଶ୍ୱର ବାର, ହାଇକୋର୍ଟ ବାର, କଟକ ବାର, ଭୁବନେଶ୍ୱର ବାର ଓ ଗଞ୍ଜାମ ବାର ଆସୋସିଏସନ ପ୍ରମୁଖ ଅଂଶଗ୍ରହଣ କରିବେ। ସାମ୍ବାଦିକ ସମ୍ମିଳନୀରେ ସଭାପତି ଜ୍ଞାନରଞ୍ଜନ ପଟ୍ଟନାୟକ, ଜ୍ଞାନେନ୍ଦ୍ର ପରିଡା, ଜ୍ୟୋତିର୍ମୟ ମହାପାତ୍ର, ଦେବାଶିଷ ପାଣିଗ୍ରାହୀ, ରାଜେନ୍ଦ୍ର ପ୍ରଧାନ, ଶୁଭେନ୍ଦୁ ମହାନ୍ତି, ପ୍ରଭାସ ମହାନ୍ତି, ସୁଜିତ ସ୍ୱାଇଁ ଓ ଶୁଭାଶିଷ ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ।

## ରେଭେନ୍ସାରେ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ

କଟକ, ୧୮ ।୨ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଯୁବ ରେଡ କ୍ରସ୍ ପକ୍ଷରୁ "ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରସ୍ତୁତି: ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ" ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ବିଶିଷ୍ଟ ସର୍ଜନ୍ ଡା. ଜ୍ୟୋତିର୍ମୟ ନାୟକ ଓ ଦନ୍ତ ଚିକିତ୍ସକ ଡା. ଅଙ୍କିତା ଗିରି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଡା. ନାୟକ ବିଭିନ୍ନ ଆପତକାଳୀନ ସ୍ଥିତି ଯଥା ଜଳିଯିବା, ଜଳ ଦୁର୍ଘଟଣା, ହୃଦ୍‌ଘାତ ଓ ନାକରୁ ରକ୍ତସ୍ରାବ ସମୟରେ କିଭଳି ସଠିକ୍ ପଦକ୍ଷେପ ନିଆଯିବ, ସେ ନେଇ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବିଶେଷ କରି ଜୀବନ ରକ୍ଷାକାରୀ କୌଶଳ ଯଥା ସିପିଆର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟତମ ବକ୍ତା ଡା. ଅଙ୍କିତା ଗିରି ମୁଖ ସ୍ୱାସ୍ଥ୍ୟ ଓ ଦାନ୍ତର ଯତ୍ନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପ୍ରାରମ୍ଭରେ ଯୁବ ରେଡକ୍ରସ୍ ସଂଯୋଜକ ଡ. ମନୋରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜା କିଶୋର ପୃଷ୍ଟି ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ।

**ବିବୁଧେନ୍ଦ୍ର ମିଶ୍ରଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**

## ବିବୁଧେନ୍ଦ୍ର ଥିଲେ ଦେଶପ୍ରେମ ଓ ତ୍ୟାଗର ପ୍ରତୀକ: ଜଷ୍ଟିସ୍ ଟଣ୍ଡନ

କଟକ,୧୮ ।୨(ସମିସ):




ନେତାଜୀ ସୁଭାଷ ବୋଷଙ୍କ ଅନୁଗାମୀ ହିସାବରେ ଦେଶ ପାଇଁ ଲଢ଼ି ବିବୁଧେନ୍ଦ୍ର ମିଶ୍ର ବ୍ରିଟିଶ ସରକାରଙ୍କ ଏନିମି ଏଜେଣ୍ଟ ଅର୍ଡିନାନ୍‌ସ ଆକ୍ଟରେ ଗିରଫ ହୋଇଥିଲେ। ଏହି ଆକ୍ଟର ଦଣ୍ଡ ଥିଲା ଫାଶୀ ହେଲେ ବିବୁଧେନ୍ଦ୍ରଙ୍କ ପାଇଁ ଦେଶ ଥିଲା ସବୁ କିଛି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ଓ ବିବୁଧେନ୍ଦ୍ର ମିଶ୍ର ସ୍ମାରକୀ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ହାଇକୋର୍ଟ ବାର୍ ପରିସରରେ ଆୟୋଜିତ ପୂର୍ବତନ କେନ୍ଦ୍ର ଆଇନମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିବୁଧେନ୍ଦ୍ର ମିଶ୍ରଙ୍କ ଚତୁଃଦଶତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମାରକୀ ବକ୍ତୃତା ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଟଣ୍ଡନ କହିଲେ, ବିବୁଧେନ୍ଦ୍ର ଥିଲେ ତ୍ୟାଗର ଅବତାର, ସେ ଆଇନ ସେବା ସହିତ ଦେଶ ସ୍ୱାଧୀନତା ଓ ଜାତୀୟସ୍ତରୀୟ ଖବର କାଗଜ ପ୍ରକାଶ ଭଳି ଗୁରୁ ଦାୟିତ୍ୱ ତୁଲାଇଥିଲେ। ଏହା ଜାତିପ୍ରେମ ଓ ନିର୍ଭୀକତାର ଜ୍ୱଳନ୍ତ ପ୍ରମାଣ। ତାଙ୍କ ଆଦର୍ଶକୁ ଯୁବପିଢ଼ି ଅନୁକରଣ କରି ଦେଶସେବାରେ ବ୍ରତୀ ହେବାକୁ ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ ବକ୍ତବ୍ୟରେ କହିଥିଲେ। ବିବୁଧେନ୍ଦ୍ରଙ୍କ ପୁତ୍ର ମାନବେନ୍ଦ୍ର ମିଶ୍ର ଓ କନ୍ୟା ତାପଶି ମିଶ୍ର ବାପାଙ୍କ ସ୍ମୃତିଚାରଣ କରି ନିଜକୁ ଧନ୍ୟ ମନେ କରିଥିଲେ। ମୁଖ୍ୟଅତିଥି ମୁଖ୍ୟବିଚାରପତି ହରିଶ ଟଣ୍ଡନ ଓ ହାଇକୋର୍ଟ ବାର୍ ସଭାପତି ମନୋଜ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସ୍ମୃତିସଭାରେ ଅଧ୍ୟକ୍ଷତା କରି ହାଇକୋର୍ଟ ବାର ଆସୋସିଏସନ ସଭାପତି ମନୋଜ ମିଶ୍ର କହିଲେ ଯେ, ନୀତି ଓ ଆଦର୍ଶ ସହ ବିବୁଧେନ୍ଦ୍ର ମିଶ୍ର କେବେ ସାଲିସ୍ କରି ନ ଥିଲେ। କେନ୍ଦ୍ର ଆଇନମନ୍ତ୍ରୀ କାର୍ଯ୍ୟକାଳ ସରିବା ପରେ ସେ ଆଇନବୃତ୍ତିକୁ ଛାଡ଼ି ନ ଥିଲେ ବୋଲି ସଭାପତି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ବିବୁଧେନ୍ଦ୍ର ମିଶ୍ର ସ୍ମାରକୀ ଟ୍ରଷ୍ଟର ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଅତିଥି ପରିଚୟ, ସ୍ୱାଗତ ଭାଷଣ ଦେବା ସହ ବିବୁଧେନ୍ଦ୍ରଙ୍କ ସଂକ୍ଷିପ୍ତ ଜୀବନୀ ଉପରେ ଆଲୋକପାତ କରିଥିଲେ। ଭାରତର ଶତାୟୁ ଶିଶୁ ଯତ୍ନ ଅନୁଷ୍ଠାନ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ୬ ଜଣ ଅନ୍ତେବାସୀ ରମାଇ ଟୁଡୁ, ପୂର୍ଣ୍ଣଚନ୍ଦ୍ର ସୋରେନ୍, ଚନ୍ଦ୍ର ହେମ୍ବ୍ରମ୍, ଲକ୍ଷ୍ମଣ ଛତର, କୁନାଲ ଛତର, ସୁରଜ ବିରୁଆଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବିଚାର ବିଭାଗୀୟ ଅଧିକାରୀ, ବରିଷ୍ଠ ଆଇନଜୀବୀଙ୍କ ସମେତ ସମ୍ପାଦକ ଅଭିଜିତ ପଟ୍ଟନାୟକ, ଯୁଗ୍ମ ସମ୍ପାଦିକା ପଦ୍ମାଳୟା ମହାପାତ୍ର, ସୁଶାନ୍ତ ବରାଳ, ଅଭିଜିତ ଦାସ, ପ୍ରତାପ କେଶରୀ ଦେଓ, ସପନ ପାଲ, ସୌଭାଗ୍ୟ ଦାଶ, ଅଭିଷେକ ମହାନ୍ତି, ଜିତୁ ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ସତ୍ୟ ରଞ୍ଜନ ଆଚାର୍ଯ୍ୟ, ଆଶିଷ ମହାନ୍ତି, ସୁରେନ୍ଦ୍ର ଦାସ, ସତ୍ୟ ଗୋପାଳ ପରିଜା, ପ୍ରତାପ କେଶରୀ ଦେଓ, ବିଭୁ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହାଇକୋର୍ଟ ବାର ଆସୋସିଏସନ୍ ଉପସଭାପତି ସିଦ୍ଧାର୍ଥ ଦାସ ଧନ୍ୟବାଦ ଦେଇଥିଲେ।

# ରାସ୍ତା ନିର୍ମାଣକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ



ଟିଗିରିଆ,୧୮।୨(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ବାଙ୍କୀ ବ୍ଲକରେ ଉନ୍ନତିମୂଳକ କାମ କରିବା ପାଇଁ ତାଲିକା ପ୍ରସ୍ତୁତ ପ୍ରସ୍ତୁତ ହୋଇଛି ଏବଂ ଏହି ତାଲିକାକୁ ଜିଲ୍ଲାପାଳ ଅନୁମୋଦନ କରିଛନ୍ତି। ଅନୁମୋଦିତ ତାଲିକା ଭିତରେ ବାଙ୍କୀ ବ୍ଲକ ଅଧୀନ ଗୋଳାଗଣ୍ଡ ସ୍କୁଲ ଠାରୁ ଗଉଡ଼ ସାହି ପର୍ଯ୍ୟନ୍ତ ସିସି ରୋଡ ପାଇଁ ପ୍ରକଳ୍ପକୁ ୩ ଲକ୍ଷ ୯୬ ହଜାର ଟଙ୍କାର କାର୍ଯ୍ୟାଦେଶକୁ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କରାଯାଇଛି। ମାତ୍ର ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ପରମଗୁରୁଙ୍କ ନାମରେ ଦେଇ କାର୍ଯ୍ୟ କରିବା ପାଇଁ ଆଦେଶ ଦେବା ପରେ ଦୁଇ ଗୋଷ୍ଠି ମଧ୍ୟରେ ହାତାହାତି ହୋଇଛନ୍ତି। ବିଡ଼ିଓ ସଂଗ୍ରାମ କେଶରୀ ଭୋଳ ଗୋଟିଏ ଗୋଷ୍ଠିର ରାଜନୈତିକ କର୍ମୀଙ୍କୁ ପ୍ରୋତ୍ସାହନ ଯୋଗାଇବା ଉଦ୍ଦେଶ୍ୟରେ କନିଷ୍ଠ ଯନ୍ତ୍ରୀ ତ୍ରିବିକ୍ରମ ପାଣିଙ୍କ ନାମରେ କାର୍ଯ୍ୟାଦେଶ ଥିବାବେଳେ ପ୍ରଦ୍ୟୁମ୍ନ ପରମଗୁରୁଙ୍କୁ ଦଳୀୟ ନେତାଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିବାରୁ, ଅନ୍ୟ ଗୋଷ୍ଠିର କର୍ମୀମାନେ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟଙ୍କୁ ନ ଜଣାଇ କାର୍ଯ୍ୟ ଆରମ୍ଭ କରିବାରୁ ଉଭୟ ଗୋଷ୍ଠି ମଧ୍ୟରେ ହାତାହାତି ହେବା ପରେ, ଖବର ପାଇ ବିଡ଼ିଓ ସଂଗ୍ରାମ କେଶରୀ ଭୋଳ, ବୈଦେଶ୍ୱର ଥାନା ଅଧିକାରୀ ଦୁର୍ଗେଶ ନନ୍ଦିନୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଡ଼ିଓଙ୍କ ଟାଳଟୁଳ ନୀତି ଓ ଦଳୀୟ ନେତାଙ୍କ ଚାପରେ ଏଭଳି କାହିଁକି ନିର୍ଦ୍ଦେଶନାମା ଦେଲେ ବୋଲି ବୈଦେଶ୍ୱର ଥାନା ଅଧିକାରୀ ପଚାରିବା ବେଳେ ବିଡ଼ିଓ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଥାନାଧିକାରୀଙ୍କ ହସ୍ତକ୍ଷେପ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା ପାଇଁ କନିଷ୍ଠ ଯନ୍ତ୍ରୀ ଓ ବିଡ଼ିଓଙ୍କୁ ଜଣାଇଥିଲେ। ଅଭିଯୋଗକାରୀମାନେ ସଙ୍ଗେ ସଙ୍ଗେ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମନଇଚ୍ଛା ବିଡ଼ିଓଙ୍କ ଅଲିଖିତ କାର୍ଯ୍ୟାଦେଶ ଦେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ନ କରିବା ପାଇଁ ମଧ୍ୟ ଅନୁରୋଧ କରିଥିଲେ।

# ସକିଲ ଖାନ୍‌କୁ ଏନ୍‌ଏସ୍‌ଏରେ ଅଟକ ରଖିବାକୁ ନିର୍ଦ୍ଦେଶ

କଟକ,୧୮।୨(ସମିସ): ଜାତୀୟ ନିରାପତ୍ତା ଆଇନ୍ (ଏନଏସଏ) ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ବ୍ୟବହାର କରି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଟିଗିରିଆ ଥାନା ଅନ୍ତର୍ଗତ କରଡାପଲି ଗ୍ରାମର ସକିଲ ଖାନ୍ (୩୫)ଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଆଠଗଡ ରାଧାରମଣପୁରସ୍ଥିତ ଆଦର୍ଶ କଏଦୀ କାରାଗାରରେ ଅଟକ ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ସର୍ବସାଧାରଣ ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହାପୂର୍ବରୁ ଆରକ୍ଷୀ ଅଧୀକ୍ଷକ ଗତ ୬ ତାରିଖରେ ସକିଲ୍ ଖାନ୍‌ଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ୍ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ପରେ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ଆଦେଶ ଅନୁସାରେ ସକିଲ ଖାନଙ୍କୁ ଜାତୀୟ ନିରାପତ୍ତା ଆଇନ୍ ଅଧୀନରେ ପୁନର୍ବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଗଲା। ସକିଲ ୨୦୨୫ ମସିହାର ଏକ ମାମଲାରେ ଅଟକ ରହିଛନ୍ତି।

# ମହିଳାଙ୍କ ବିୟୋଗରେ ଶୋକ



ସାଲେପୁର,୧୮।୨(ସମିସ): ସାଲେପୁର ବ୍ଲକ୍‌ର ଧନୁପଡ଼ା ଗ୍ରାମର ଧର୍ମପରାୟଣ ମହିଳା ବିଚିତ୍ରାମଣି ପରିଡ଼ାଙ୍କ ୯୯ବର୍ଷ ବୟସରେ ଭୁବନେଶ୍ୱରଠାରେ ପରଲୋକ ହୋଇଯାଇଛି। ସ୍ୱର୍ଗତା ବିଚିତ୍ରାମଣି ପରିଡ଼ାଙ୍କର ସ୍ଥାନୀୟ ଧନୁପଡ଼ାସ୍ଥିତ ଗ୍ରାମ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସ୍ଥାନୀୟ ସରପଞ୍ଚ ଜ୍ୟୋତିରେଖା ନାୟକ, ସମିତିସଭ୍ୟା ମିନତୀ ମହାପାତ୍ର, ନାଏବ ସରପଞ୍ଚ ନିରଞ୍ଜନ ସିଂହଙ୍କ ସମେତ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଦେବେନ୍ଦ୍ର ନାଥ ପରିଡ଼ା ଉପସ୍ଥିତ ଥିବାବେଳେ ଅନ୍ୟତମ ପୁତ୍ର ମହେନ୍ଦ୍ର ନାଥ ପରିଡ଼ା, ଆଡ୍‌ଭୋକେଟ୍ ସୁରେନ୍ଦ୍ର ନାଥ ପରିଡ଼ା, ତିନିକନ୍ୟା, ନାତିନାତୁଣୀ ଉପସ୍ଥିତ ଥିଲେ।

# ପ୍ରାକ୍ତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ



ନେମାଳ,୧୮।୨(ସମିସ): ସୁସାହିତ୍ୟିକ, ବିଶିଷ୍ଟ ରାଜନେତା, ଶିକ୍ଷାବିତ୍, ଆଧ୍ୟାତ୍ମିକ ଚେତନାର ଅଧିକାରୀ, ବହୁ ଅନୁଷ୍ଠାନର ସ୍ରଷ୍ଟା, ଜନ୍ମଭୂମିର ବିକାଶ ପୁରୁଷ, ପ୍ରାକ୍ତନମନ୍ତ୍ରୀ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କ ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ନେମାଳ ଅଚ୍ୟୁତାନନ୍ଦ ସେତୁ ନିକଟରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରାଯାଇଥିଲା। ସାନ୍ତପୁର ବିଜେଡି ପରିବାର ତରଫରୁ ଅଲେଖ ଚନ୍ଦ୍ର ଦଳାଇ, ଦୁର୍ଯ୍ୟୋଧନ ପଣ୍ଡା, ମୁରଲୀଧର ଦାସ, ଭ୍ରମରବର ମହାନ୍ତି, ଅରୁଣ ସିଂ, ଫଗୁ ମହାପାତ୍ର, କୁଳମଣି ଜେନା, ଯୁବ ନେତା ଜଗଦୀଶ ଦାସ, ଶୁକଦେବ ସ୍ୱାଇଁ, ହିମାଂଶୁ ମହାନ୍ତି, ସୁବାସ ସ୍ୱାଇଁ, ଜଗଜୀବନ ମୁଦୁଲି, ଅରକ୍ଷୀତ ମହାନ୍ତି, ଜଗବନ୍ଧୁ ମହାପାତ୍ର ପ୍ରମୁଖ ଶତାଧିକ ବିଜେଡି କର୍ମୀ ଓ କାଳିନ୍ଦୀପ୍ରେମୀ ଯୋଗଦେଇଥିଲେ।

# ଦ୍ୱିତୀୟ ଟାର୍ଗେଟ୍ ମିଳିନି; ଚାଷୀଙ୍କୁ ଘାରିଛି ଧାନ ବିକ୍ରି ଚିନ୍ତା

କଟକ,୧୮।୨(ସମିସ):

ଚଳିତବର୍ଷ ଖରିଫ ଋତୁରେ ଧାନ କିଣା ଚାଲିଥିଲେ ମଧ୍ୟ ନିର୍ଦ୍ଧାରିତ ସମୟରେ ସରିବା ନେଇ ଆଶଙ୍କା ଉପୁଜିଛି। ବିଭିନ୍ନ ମଣ୍ଡିକୁ ମିଳିଥିବା ପ୍ରଥମ ଟାର୍ଗେଟ ଖୁବଶୀଘ୍ର ହାସଲ

## ୨୨୬ ମଣ୍ଡିରେ ୧୦ ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ ସଂଗ୍ରହ



ହେବାକୁ ଥିବା ବେଳେ ଏପର୍ଯ୍ୟନ୍ତ ଦ୍ୱିତୀୟ ଟାର୍ଗେଟ ମିଳିପାରିନାହିଁ। ଜିଲ୍ଲାରେ ୧୩ ଜଣ ମିଲରଙ୍କୁ ନେଇ କେମିତି ଧାନ କିଣା ଠିକ ସମୟରେ ସରିବ ତାହାକୁ ନେଇ ଆଶଙ୍କା ଉପୁଜିଛି। ଖରିଫ ଋତୁର ପ୍ରଥମ ପର୍ଯ୍ୟାୟରେ କେବଳ ପ୍ରାୟ ୧୨ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଆଜି ସୁଦ୍ଧା ଜିଲ୍ଲାର ୨୨୬ ମଣ୍ଡିରେ ୧୦ ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ ସଂଗ୍ରହ ସରିଲାଣି। ଗୋଟିଏ ଦିନରେ ଜଣେ ମିଲର ଭାଗରେ ପ୍ରାୟ ୧୫ମଣ୍ଡି ପଡୁଛି। ଜିଲ୍ଲାରେ ଏଥର ମୋଟ ୭୨ହଜାର ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ମାତ୍ର ୩୮ ହଜାର ଜଣ ଚାଷୀ ଧାନ ବିକ୍ରି କରିଥିବା ଜଣାପଡିଛି। ଆହୁରି ୩୪ ହଜାର ଚାଷୀ ଧାନ ବିକ୍ରି ଅପେକ୍ଷାରେ ରହିଛନ୍ତି। ୩୪ ହଜାର ଚାଷୀ ଧାନ ବିକ୍ରି କରି ନ ଥିଲା ବେଳେ ଆଉ ମାତ୍ର ୨ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ହେଲେ ପ୍ରଥମ ଟାର୍ଗେଟ ପୂରଣ ହୋଇଯିବ ବୋଲି ଜଣାପଡିଛି। କେତେକ ମଣ୍ଡିରେ ମିଲରମାନେ ନିୟମିତ ଆସୁ ନ ଥିବାରୁ ଧାନ କିଣା ମନ୍ଥର ହୋଇଥିବା ଜଣାପଡିଛି। ଜିଲ୍ଲାର ମାହାଙ୍ଗା, ସାଲେପୁର, ନିଶ୍ଚିନ୍ତକୋଇଲି, କଣ୍ଟାପଡା, ବାରଙ୍ଗ, ନିଆଳି, ସଦର, ଆଠଗଡ, ବାଙ୍କୀ, ଡମପଡା, ବଡମ୍ବା, ଟିଗିରିଆ, ଟାଙ୍ଗୀ -ଚୌଦ୍ୱାର ଓ ନରସିଂହପୁର ବ୍ଲକରେ ନିର୍ଦ୍ଧାରିତ ବାରିରେ ଧାନ କିଣା ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଯୋଗାଣ ବିଭାଗ ଅଧିକାରୀଙ୍କ କହିବାନୁସାରେ ଧାନ କିଣା ପାଇଁ ଯେଉଁ ବାର ତଥା ସୋମବାର, ମଙ୍ଗଳବାର, ବୁଧବାର, ଶୁକ୍ରବାର ଓ ଶନିବାର ଆଦି ଧାର୍ଯ୍ୟ ହୋଇଛି। ସେହି ଦିନ ଗୁଡିକରେ ମିଲର ନ ଯାଇପାରିଲେ ବି ଅନ୍ୟ ଦିନରେ ଧାନ ଉଠାଣ ପାଇଁ ସେମାନଙ୍କୁ ନିର୍ଦ୍ଦେଶ ରହିଛି। ଏଥର ଧାନ ଉତ୍ପାଦନ ବୃଦ୍ଧି ପାଇଥିବାରୁ ଚାଷୀମାନେ ଅଧିକ ଉତ୍ପାଦିତ ଧାନ ବିକ୍ରି ନେଇ ଚିନ୍ତାରେ ପଡିଛନ୍ତି। ଏପରିକି ବେପାରୀମାନେ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ ଯଥେଷ୍ଟ କମ ତଥା କ୍ୱିଣ୍ଟାଲ ପିଛା ମାତ୍ର ୧୮୦୦ରୁ ୧୯୦୦ଟଙ୍କାରେ ଧାନ ସଂଗ୍ରହ କରିବାରେ ଲାଗିଛନ୍ତି।



ଆରମ୍ଭ ହେଲା ଯୁକ୍ତ ଦୁଇ ପରୀକ୍ଷା; ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ

## ଗିରଫର କାରଣ ନ ଦର୍ଶାଇବା ପୁଲିସକୁ ମହଙ୍ଗା

# ଡିଏସ୍‌ପିଙ୍କ କ୍ଷମା ପ୍ରାର୍ଥନା

କଟକ,୧୮।୨(ସମିସ): ଗିରଫ ସମୟରେ ଅଭିଯୁକ୍ତଙ୍କୁ ଗିରଫର କାରଣ ସମ୍ପର୍କରେ ସଠିକ୍ ଭାବେ ଅବଗତ ନ କରାଇବା ପୁଲିସ ପାଇଁ ଅଡୁଆ ସୃଷ୍ଟି କରିଛି। ସମ୍ବିଧାନର ଧାରା ୨୨(୧) ଏବଂ ବିଏନଏସଏସର ଧାରା ୪୭ ଅନୁଯାୟୀ ମୌଳିକ ଅଧିକାରର ଉଲ୍ଲଙ୍ଘନ ଦର୍ଶାଇ ହାଇକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ନାଜିମ ମଲିକଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ପୂର୍ବରୁ କୋର୍ଟଙ୍କୁ ପ୍ରଦାନ କରାଯାଇଥିବା ଲିଖିତ ଜବାବରେ ଅଶୋଭନୀୟ ଶବ୍ଦ ବ୍ୟବହାର କରିଥିବାରୁ ବର୍ତ୍ତମାନ ବରଗଡ଼ରେ ଅବସ୍ଥାପିତ ଥିବା ସମ୍ପୃକ୍ତ ତଦନ୍ତକାରୀ ଅଧିକାରୀ ଡିଏସପି ରାମେଶ୍ୱର ପ୍ରଧାନ ବ୍ୟକ୍ତିଗତ ଭାବେ ଭର୍ଚୁଆଲ ମାଧ୍ୟମରେ ହାଜର ହୋଇ କ୍ଷମା ପ୍ରାର୍ଥନା କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ ମାଲକାନଗିରି ଜିଲ୍ଲା ପୋଡ଼ିଆ ଥାନାରେ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ କରାଯାଇଥିଲା। ଏହି ମାମଲାରେ ଆରେଷ୍ଟ ମେମୋରେ କେବଳ "ସମ୍ପୃକ୍ତ କେସ୍ ସମ୍ବନ୍ଧରେ' ଲେଖାଯାଇଥିଲା, ଯାହାକୁ ଆଇନର ଉପଯୁକ୍ତ ଅନୁପାଳନ ବୋଲି ଗ୍ରହଣ କରିନାହାନ୍ତି ଅଦାଲତ। ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତିଗୁଡ଼ିକୁ ଉଦ୍ଧାର କରି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ଗିରଫ ସମୟରେ ମୌଳିକ ଅଧିକାର କ୍ଷୁଣ୍ଣ ହୁଏ, ତେବେ ଉକ୍ତ ଗିରଫଦାରି ଓ ପରବର୍ତ୍ତୀ ରିମାଣ୍ଡ ପ୍ରକ୍ରିୟା ଅବୈଧ ହୋଇଯିବ। ଏହି ଆଧାରରେ ଅଭିଯୁକ୍ତ ନାଜିମ ମଲିକଙ୍କୁ ଏକ ଲକ୍ଷ ଟଙ୍କାର ବେଲ୍ ବଣ୍ଡ ଏବଂ ଦୁଇଜଣ ଜାମିନଦାରଙ୍କ ବଦଳରେ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ।

● ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି

# ଅଭିଯୋଗ ଅଧିକ; ଫଇସଲା କମ

କଟକ,୧୮।୨(ସମିସ): ସମାଜର ତୃଣମୂଳସ୍ତରର ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ କଟକ ଜିଲ୍ଲାରେ ଗ୍ରାମପଞ୍ଚାୟତସ୍ତରରେ ଜନଶୁଣାଣି ଆରମ୍ଭ ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ସୋମବାର ଏହି ଜନଶୁଣାଣି ଅନୁଷ୍ଠିତ ହେଉଛି। ଗ୍ରାମ ପଞ୍ଚାୟତସ୍ତରରେ ହୋଇଥିବା ଜନଶୁଣାଣିରେ ହସ୍ତଗତ ଅଭିଯୋଗ ତୁଳନାରେ ଫଇସଲା କମ ହୋଇପାରିଛି। କଟକ ସଦର ବ୍ଲକରେ ଅନୁଷ୍ଠିତ ଜନଶୁଣାଣିରେ ୧୦୪ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ମାତ୍ର ୧୪ଟିର ସମାଧାନ କରାଯାଇଛି। ସେହିଭଳି ବାରଙ୍ଗ ବ୍ଲକରେ ୬୩ଟି ଅଭିଯୋଗ ମଧ୍ୟରୁ ୧୮ଟି, ଟାଙ୍ଗୀ ଚୌଦ୍ୱାର ବ୍ଲକରେ ୭୬ରୁ ମାତ୍ର ୨ଟି, ସାଲେପୁର ବ୍ଲକରେ ୩୮ଟି ଅଭିଯୋଗ ମଧ୍ୟରୁ ୧୪ଟି, ନିଆଳି ବ୍ଲକରେ ୧୦୮ଟି ମଧ୍ୟରୁ ୧୦୪ଟିର ସମାଧାନ କରାଯାଇଛି। ସେହିପରି ନିଶ୍ଚିନ୍ତକୋଇଲି ବ୍ଲକରେ ୩୫ଟି ଅଭିଯୋଗ ମଧ୍ୟରୁ ୧୯ଟି, କଣ୍ଟାପଡା ବ୍ଲକରେ ୯୬ଟି ଅଭିଯୋଗ ମଧ୍ୟରୁ ୨୭ଟି, ଆଠଗଡରେ ୨୮ଟି ଅଭିଯୋଗ ମଧ୍ୟରୁ ୧୦ଟି, ଟିଗିରିଆ ବ୍ଲକରେ ୪୯ଟିରୁ ୧୯ଟି, ବଡମ୍ବାରେ ୧୨୪ରୁ ୬ଟି, ନରସିଂହପୁରରେ ୧୪୦ରୁ ୧୦ଟି, ବାଙ୍କୀରେ ୬୬ରୁ ୨୬ଟି, ଡମପଡାରେ ୨୯୦ରୁ ୯୬ଟି ଅଭିଯୋଗର ସମାଧାନ କରାଯାଇଥିବାବେଳେ ମାହାଙ୍ଗା ବ୍ଲକରେ ୨ଟି ଅଭିଯୋଗ ହସ୍ତଗତ ହୋଇଥିଲା। ସ୍ଥାନୀୟ ବ୍ଲକ୍ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣି ଅନୁଷ୍ଠିତ ହେଉଛି। ଏହି ଶୁଣାଣିରେ ସରକାରୀ ଯୋଜନା, ସେବା ଓ ସ୍ଥାନୀୟ ସମସ୍ୟା ସମ୍ପର୍କିତ ଅଭିଯୋଗ ଗ୍ରହଣ କରାଯିବା ସହିତ ସମାଧାନ କରାଯାଉଛି। ୧୫ରୁ କମ୍ ଗ୍ରାମପଞ୍ଚାୟତ ଥିବା ବ୍ଲକ୍‌ରେ ପ୍ରତି ସୋମବାର ଗୋଟିଏ ଗ୍ରାମପଞ୍ଚାୟତରେ ଅଭିଯୋଗ ଶୁଣାଣି ହେଉଥିବାବେଳେ ୧୬ରୁ ୩୦ ଗ୍ରାମପଞ୍ଚାୟତ ଥିବା ବ୍ଲକ୍‌ରେ ଦୁଇଟି ପାଖାପାଖି ଗ୍ରାମ ପଞ୍ଚାୟତକୁ ମିଶାଇ ଅଭିଯୋଗ ଶୁଣାଣି ହେଉଛି। ସେହିଭଳି ୩୦ରୁ ଅଧିକ ଗ୍ରାମପଞ୍ଚାୟତ ଥିବା ବ୍ଲକ୍‌ରେ ୩ଟି ପାଖାପାଖି ଗ୍ରାମପଞ୍ଚାୟତକୁ ମିଶାଇ ଜନଶୁଣାଣି ହେଉଛି। ଆସନ୍ତା ତିନି ମାସ ପାଇଁ ଏନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଛି।

# 'ଆମ ପୁଲିସ' କାର୍ଯ୍ୟକ୍ରମ ଓ ଟ୍ରାଫିକ ସମସ୍ୟା ଉପରେ ଗୁରୁତ୍ୱ

ବଡ଼ମ୍ବା,୧୮।୨(ସମିସ): ବଡ଼ମ୍ବା ନାଗରିକ ମଞ୍ଚ ପକ୍ଷରୁ ବଡ଼ମ୍ବା ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁଲିସ ଓ ଜନତାଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ 'ଆମ ପୁଲିସ' କାର୍ଯ୍ୟକ୍ରମ ଗତ ଦୁଇ ବର୍ଷ ହେବ ବନ୍ଦ ଥିବା ନେଇ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମକୁ ପୁନର୍ବାର ଆରମ୍ଭ କରିବା ସହ ଏଥିରେ ଆଠଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ଉପସ୍ଥିତ ରହିବାକୁ ନାଗରିକ ମଞ୍ଚ ଅନୁରୋଧ କରିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଇନ କାନୁନ ଓ ଟ୍ରାଫିକ ସଚେତନତା ଭଳି ବିଷୟରେ ଆଲୋଚନା କରିବା ପାଇଁ ଦାବି ହୋଇଛି। ଏହାବ୍ୟତୀତ ବଡ଼ମ୍ବା ଗାନ୍ଧୀଛକ ଅଞ୍ଚଳରେ ଥିବା ଗମ୍ଭୀର ଟ୍ରାଫିକ ସମସ୍ୟା ସମ୍ପର୍କରେ ମଧ୍ୟ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଛକର ଦୁଇ ପାର୍ଶ୍ୱରେ ରାସ୍ତା ସଂକୁଚିତ ଥିବା ବେଳେ ଜଳଖିଆ ଦୋକାନ ଆଗରେ ଗ୍ରାହକମାନେ ଅନିୟମିତ ଭାବେ ଗାଡ଼ି ପାର୍କିଂ କରୁଥିବାରୁ ସ୍କୁଲ, କଲେଜ ପିଲା ଓ ବୃଦ୍ଧବୃଦ୍ଧାମାନେ ଯିବା ଆସିବା କରିବାରେ ଘୋର ଅସୁବିଧାର ସମ୍ମୁଖୀନ



ହେଉଛନ୍ତି। ଏହାର ସମାଧାନ ପାଇଁ ପୁରୁଣା ରେଞ୍ଜର କାର୍ଯ୍ୟାଳୟର ଦୁଇ ପାର୍ଶ୍ୱରେ ଗାଡ଼ି ପାର୍କିଂ ବ୍ୟବସ୍ଥା କରିବାକୁ ମଞ୍ଚ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ଦାମୋଦର ରଣା, ମନୋଜ ପଟ୍ଟନାୟକ, ବିବେକାନନ୍ଦ ମଲ୍ଲିକଙ୍କ ସମେତ ଶିବ ନାରାୟଣ ମିଶ୍ର, ନିଗମାନନ୍ଦ ନାୟକ, ଲିଙ୍ଗରାଜ ରଣା, ଅକ୍ଷୟ କରଣ ଓ ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଉତ୍କଳ ଦିବସ ପାଳନ ପ୍ରସ୍ତୁତି



ସାଲେପୁର,୧୮।୨(ସମିସ): ପ୍ରତି ବର୍ଷ ପରି ଚଳିତ ବର୍ଷ ସାଲେପୁର ହାଇସ୍କୁଲ ପଡ଼ିଆରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ୩ଦିନ ବ୍ୟାପୀ ରାଜ୍ୟସ୍ତରୀୟ ଉତ୍କଳ ଦିବସ ସମାରୋହ ଓ ସଂଘର ୧୧ତମ ବାର୍ଷିକ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବାଲିସାହି ପଞ୍ଚାୟତ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅକ୍ଷୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ମାର୍ଚ୍ଚ ୩୦, ୩୧ ଓ ଏପ୍ରିଲ ୧ ତାରିଖରେ ହାଇସ୍କୁଲ ପଡ଼ିଆରେ ଉତ୍କଳ ଦିବସ ମହାସମାରୋହରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବାବେଳେ ଏହି ୩ଦିନ କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତା ଓ ମନ୍ତ୍ରୀଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ସାହିତ୍ୟିକ, ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରିତ କରିବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର ହୋଇଥିଲା। ସେହିପରି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ସ୍ଥିର ହୋଇଛି। ସେହିପରି ଉତ୍କଳ ଗୌରବ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ଏକ ମଶାଲ ଶୋଭାଯାତ୍ରା ସାଲେପୁର ପର୍ଯ୍ୟନ୍ତ ଅଣାଯିବା ପାଇଁ ଏପ୍ରିଲ ୧ରେ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବାବେଳେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଉତ୍କଳ ଗୌରବ ମଧୁବାବୁ ସମ୍ମାନ ପ୍ରଦାନ କରାଯିବାକୁ କୁହାଯାଇଛି। ଅନୁଷ୍ଠାନର ସଂପାଦକ ହୃଷିକେଶ ମଲ୍ଲିକ, ଉପସଭାପତି ଦୀପକ ଦାଶ, ମହାସଚିବ ମନୋଜ ଆଚାର୍ଯ୍ୟ, ସହ ସଂପାଦକ ଅରବିନ୍ଦ ଭୂୟାଁ, କୋଷାଧ୍ୟକ୍ଷ ସୁଧିର ଶତପଥି, ଉପଦେଷ୍ଟା ଅଭୟ ଜେନା, ରତ୍ନାକର ବାରିକ, ବରିଷ୍ଠ ସଭ୍ୟ ତାରାକାନ୍ତ ନାୟକ, ହେମନ୍ତ ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ମହେଶ୍ୱର ବେହେରା, ପ୍ରଦୀପ୍ତ କର, ପ୍ରତାପ ଚନ୍ଦ୍ର ଭୂୟାଁ, ବିଭୁତିଭୂଷଣ କର, ସମ୍ବିତ ଦାସ, ସୁଜାତା ଗୋସ୍ୱାମୀ, ଅନନ୍ତ ଚରଣ ଦାଶ, ପ୍ରବୀର ଚନ୍ଦ୍ର ଦାସ, ପ୍ରିୟଦର୍ଶିନୀ ପ୍ରଧାନ, ପ୍ରତାପ ଚନ୍ଦ୍ର ଭୂୟାଁ, ରଞ୍ଜନ ନାୟକ, ସୁଜିତ୍ ଭୂୟାଁ, ଗୁଲରେଜ ଅଲ୍ଲୀ, ଯୋଗେଶ୍ୱର ବିଶ୍ୱାଳ, କେଦାର ନାୟକ, ଅଜୟ ସାହୁ, ଲକ୍ଷ୍ମଣ ଦାଶ, ମନୋଜ ମହାନ୍ତି, ରଘୁନାଥ ପାତ୍ର, କମଳାକାନ୍ତ ଦାସ, ଅକ୍ଷୟ ଦାଶ, ଚନ୍ଦ୍ରାଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## କଣ୍ଟାପଡ଼ାରେ ପ୍ରଶାସନ ବନାମ ଜନପ୍ରତିନିଧି

# ବ୍ଲକ୍ ପରିସରରେ ଦିବାରାତ୍ର ଧାରଣା

କଟକ,୧୮।୨(ସମିସ):



- ୧୮ ମାସ ହେଲା ଉନ୍ନୟନ କାର୍ଯ୍ୟ ଠପ୍
- ବିଡିଓଙ୍କ ବିରୋଧରେ ସରପଞ୍ଚ ଓ ସମିତିସଭ୍ୟଙ୍କ ଗର୍ଜନ
- ବ୍ଲକ ଗେଟ୍‌ରେ ତାଲା ପକାଇବାକୁ ନେଇ ଉତ୍ତେଜନା

କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦୀର୍ଘ ଦେଢ଼ ବର୍ଷ ହେଲା ଠପ୍ ହୋଇ ପଡ଼ିରହିଛି। ସରକାର କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ ସାଧାରଣ ଲୋକେ ସେବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ବାରମ୍ବାର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପଞ୍ଚାୟତ ସମିତି ବୈଠକରେ ସର୍ବସମ୍ମତି କ୍ରମେ ରିଜୋଲ୍ୟୁସନ ପାରିତ ହୋଇଥିଲେ ମଧ୍ୟ ବିଡିଓ କୌଣସି ପଦକ୍ଷେପ ନେଉ ନ ଥିବାରୁ ଜନପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିଜ ଦାବି ପୂରଣ ପାଇଁ ଜନପ୍ରତିନିଧିମାନେ ଦେଇଥିବା ୭ ଦିନିଆ ଅଲ୍ଟିମେଟମ୍ ଶେଷ ହେବା ପରେ ଆଜି ଧାରଣା ଦେବାକୁ ପହଞ୍ଚିଥିଲେ। ତେବେ ଗୋଟିଏ ପଟେ ବିଜେଡି ଓ ବିଜେପି ସମର୍ଥିତ ପ୍ରତିନିଧିମାନେ ଏକଜୁଟ ହୋଇ ଆସୁଥିବା ବେଳେ ବ୍ଲକ ପ୍ରଶାସନ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲା। ଏପରିକି ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ମଧ୍ୟ କାର୍ଯ୍ୟାଳୟ ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳି ନ ଥିଲା। ପରବର୍ତ୍ତୀ ସମୟରେ ତାଲା ଖୋଲାଯିବା ପରେ ସମସ୍ତ ପ୍ରତିନିଧି ବ୍ଲକ ପରିସରରେ ମହାତ୍ମା ଗାନ୍ଧୀଙ୍କ ଫଟୋ ରଖି ଶାନ୍ତିପୂର୍ଣ୍ଣ ଦିବା-ରାତ୍ର ଧାରଣାରେ ବସିଛନ୍ତି। ଯେ ପର୍ଯ୍ୟନ୍ତ ଅଧା ପଡ଼ିଥିବା କାର୍ଯ୍ୟ ଆରମ୍ଭ ନ ହୋଇଛି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ବିଡିଓ ସ୍ୱପ୍ନିତା ନାୟକଙ୍କ ପ୍ରତିକ୍ରିୟା ନେବାକୁ ଗଣମାଧ୍ୟମ ପ୍ରତିନିଧିମାନେ ଚେଷ୍ଟା କରିଥିଲେ ହେଁ ସେ ନିରବ ରହିବା ସନ୍ଦେହକୁ ଦ୍ୱିଗୁଣିତ କରିଛି। କାହା ଚାପରେ ବିଡିଓ ନିର୍ବାଚିତ ପ୍ରତିନିଧିଙ୍କ ଦାବି ଓ ପରିଷଦର ରିଜୋଲ୍ୟୁସନକୁ ଉପେକ୍ଷା କରୁଛନ୍ତି, ତାହାକୁ ନେଇ କଣ୍ଟାପଡ଼ା ବ୍ଲକରେ ଚର୍ଚ୍ଚା ଜୋର ଧରିଛି। ଏପରିକି ଜନସାଧାରଣଙ୍କ ସ୍ୱାର୍ଥ ଅପେକ୍ଷା କୌଣସି ଅଦୃଶ୍ୟ ରାଜନୈତିକ ଚାପ ପ୍ରଶାସନ ଉପରେ ରହିଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି।

NACO 10001/66/2526 OSACS

ଯଦି ଆପଣ ଏଚ୍‌ଆଇଭି ପଜିଟିଭ୍ ତେବେ:

ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ। ମନେ ରଖନ୍ତୁ

- ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ।
- ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ।
- ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ।
- ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ।

ଏଆରଟି ଗ୍ରହଣ କରିବାର ଲାଭ:

1. ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ।
2. CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ।
3. ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ।
4. ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ।
5. କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା'ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ।

OIPR-10001/10060/2/25-26/0003

Follow us on: BREAKFREE https://breakfreeindia.org

AIDS Helpline 1097

ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।

### ଚୌଦ୍ୱାର ଜେଲ୍‌ରୁ ଗହଣା ଗାଏବ୍ ଘଟଣା

# ଗହଣା ବଦଳରେ ଟଙ୍କା ଦେଲା କିଏ

ଚୌଦ୍ୱାର,୧୮।୨(ସମିସ): ଚୌଦ୍ୱାର ମଣ୍ଡଳ କାରାଗାରକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। ପୂର୍ବରୁ କଏଦୀଙ୍କ ଆତ୍ମହତ୍ୟା ଘଟଣା ତ ଜେଲରୁ କଏଦୀ ଫେରାର ଘଟଣା। ଏସବୁ ଘଟଣା ବଳି ଯେତିକି ଚର୍ଚ୍ଚାକୁ ଆସିଥିଲା ଜେଲ ପରିସରରୁ କଏଦୀଙ୍କ ଗହଣା ଗାଏବ ଘଟଣା ସବୁଠୁ ଅଧିକ ଚର୍ଚ୍ଚିତ। ତେବେ ଏହି ଘଟଣାରେ ଆଉ ଏକ ଚର୍ଚ୍ଚା ଯୋଡ଼ି ହୋଇ ଯାଇଛି। ଜେଲ ଅଧୀକ୍ଷକ ସୁଜିତ ରାଉଳ ମହିଳା କଏଦୀ ଇତିଶ୍ରୀ ମହାନ୍ତିଙ୍କୁ ସୁନା ଗହଣା ବଦଳରେ ସେହି ଗହଣାର ବର୍ତ୍ତମାନର ମୂଲ୍ୟ ଅନୁଯାୟୀ ୧ଲକ୍ଷ ୯୦ହଜାର ଟଙ୍କା ପ୍ରଦାନ କରିବା ଘଟଣାକୁ ଅଧିକ ଚର୍ଚ୍ଚିତ କରିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ଇତିଶ୍ରୀ କାରାଗାରକୁ ଆସିବା ସମୟରେ ନିୟମାନୁଯାୟୀ ସିସିଟିଭି କ୍ୟାମେରା ସମ୍ମୁଖରେ ପିନ୍ଧିଥିବା ସୁନା ଗହଣା ସବୁ ଜେଲ ଅଧିକାରୀଙ୍କୁ ଜିମା ଦେଇଥିଲେ। ଏହା ରେଜିଷ୍ଟରରେ ଲିପିବଦ୍ଧ ମଧ୍ୟ କରାଯାଇଥିଲା। ହେଲେ ଜେଲର କଡ଼ା ସୁରକ୍ଷା ଭିତରୁ ସୁନାଗହଣା ଗଲା କୁଆଡେ। ଏନେଇ ଜେଲରୁ ମୁକୁଳିବା ସମୟରେ ଇତିଶ୍ରୀଙ୍କୁ ଜେଲ କର୍ତ୍ତୃପକ୍ଷ ସୁନା ଗହଣା ନ ଫେରାଇବା ଯୋଗୁଁ ସେ ଚୌଦ୍ୱାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ସମୟରେ କାରାଗାର ଅଧୀକ୍ଷକ ସୁଜିତ ରାଉଳ ଓ ତତ୍କାଳୀନ ଜେଲର ସନ୍ତୋଷିନୀ ଦାସଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଘଟଣା ମଧ୍ୟ ସାର୍ବଜନୀନ ହୋଇଥିଲା। ଯଦି ଏହି ସୁନାଗହଣା ତତ୍କାଳୀନ ଜେଲର ସନ୍ତୋଷିନୀ ଦାସ ଗାଏବ କରିଥିଲେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ କାହିଁକି? ଘଟଣା ଗୁରୁତର ହେବାବେଳକୁ ଜେଲ ଅଧୀକ୍ଷକ ଅଭିଯୋଗକାରିଣୀଙ୍କୁ ନଗଦ ଟଙ୍କା ଫେରାଇଲେ କାହିଁକି? ଏହି ଟଙ୍କା ଜେଲ ବିଭାଗ ପ୍ରଦାନ କଲା ନା କୌଣସି ଅଧିକାରୀ ନିଜ ପକେଟରୁ ଦେଲେ ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି। ଇତିଶ୍ରୀଙ୍କୁ ଗହଣା ବାବଦ ଟଙ୍କା ପ୍ରଦାନ ପରେ ଘଟଣା ଚପିଯିବା ପରିବର୍ତ୍ତେ ଅଧିକ ଘନୀଭୂତ ହେବାରେ ଲାଗିଛି।

### ଘଟଣାର ତଦନ୍ତ ହେବ: ଜେଲ୍ ଡିଜି

ରାଜ୍ୟ ଜେଲ ବିଭାଗରେ ଗତ କିଛି ଦିନ ହେଲା କଏଦୀ ଫେରାର ଏବଂ ଅନ୍ତେବାସୀଙ୍କ ସାମଗ୍ରୀ ଗାଏବ ଭଳି ଏକାଧିକ ବ୍ୟତିକ୍ରମ ସାମ୍ନାକୁ ଆସିବା ପରେ ଜେଲ ଡିଜି ସୁଶାନ୍ତ ନାଥ ଗଣମାଧ୍ୟମ ଆଗରେ ନିଜର ପକ୍ଷ ରଖିଛନ୍ତି। ଚୌଦ୍ୱାର ଜେଲରେ ଜଣେ ମହିଳା କଏଦୀଙ୍କ ସୁନା ଗହଣା ବଦଳରେ ଅଧୀକ୍ଷକ ୧ ଲକ୍ଷ ୯୦ ହଜାର ଟଙ୍କା ଫେରାଇବା ଘଟଣାକୁ ନେଇ ଡିଜି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଏହି ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମହିଳା ଜଣକ ୨୦୨୫ ସେପ୍ଟେମ୍ବର ୨୨ରେ ଜେଲ୍ ଆସିବା ବେଳେ ତାଙ୍କ ଗହଣା ରଖାଯାଇଥିଲା, ମାତ୍ର ଡିସେମ୍ବର ୨୩ରେ ଜାମିନରେ ମୁକୁଳିବା ପରେ ତାଙ୍କୁ ଗହଣା ଫେରାଯାଇ ନ ଥିଲା। ଜେଲ୍ ରେଜିଷ୍ଟରରେ ଗହଣା ବାବଦରେ ସଠିକ୍ ତଥ୍ୟ ରହିଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯିବ।

## ରାଜପଥରେ ଜଳିଗଲା କଣ୍ଟେନର

ଟାଙ୍ଗୀ/ଚୌଦ୍ୱାର,୧୮।୨(ସମିସ): ୧୬ ନମ୍ବର ଜାତୀୟ ରାଜପଥର ମଙ୍ଗୁଳି ଛକ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଖାଲି କଣ୍ଟେନର ବୁଧବାର ଅପରାହ୍ନରେ ହଠାତ୍ ଜଳି ଯାଇଥିଲା। ଏନ୍‌ଏଲ ୦୧ ଏଜି ୭୩୧୪ ନମ୍ବରଯୁକ୍ତ ଏକ ଖାଲି କଣ୍ଟେନର ଦୁଇଦିନ ହେଲା ରାଜପଥ କଡ଼ରେ କଟକ ଆଡ଼କୁ ମୁହଁକରି ଛିଡ଼ା ହୋଇଥିବାବେଳେ ହଠାତ୍ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା।



ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହେବାରୁ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। କଟକରୁ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ କଣ୍ଟେନରଟିର ଇଞ୍ଜିନ୍ କ୍ୟାବିନ୍‌ଟି ସମ୍ପୂର୍ଣ୍ଣଭାବେ ଜଳି ଯାଇଥିଲା। କଣ୍ଟେନରର ମାଲିକ କଲିକତାର ହୋଇଥିବାବେଳେ ଏହା କଟକରୁ ଝୁରିଆ ସାର ଲୋଡ କରି କଲିକତା ଯାଇଥାନ୍ତା ବୋଲି ଡ୍ରାଇଭର ସୂରଜ ଯାଦବ ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଗାଡ଼ିରେ ସର୍ଟସର୍କିଟ ପାଇଁ ନିଆଁ ଲାଗି ଥାଇପାରେ ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।

### ବ୍ରିଜ ନିର୍ମାଣ ବେଳେ ଫାଟିଲା ପାଇପ୍

# ୧୦ ପଞ୍ଚାୟତକୁ ଜଳଯୋଗାଣ ବନ୍ଦ



ନରସିଂହପୁର,୧୮।୨(ସମିସ): ନରସିଂହପୁର ବ୍ଲକ ବାଲିସାହିଠାରେ ଚାଲିଥିବା ବ୍ରିଜ ନିର୍ମାଣ କାର୍ଯ୍ୟ ସମୟରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ଗତ ୧୬ ତାରିଖରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ମହାନଦୀରୁ କମଳାଡିହକୁ ସଂଯୋଗ କରୁଥିବା ମୁଖ୍ୟ ପାନୀୟ ଜଳ ପାଇପଟି ଫାଟି ଯାଇଛି। ଏହି କାରଣରୁ ଗତ ଦୁଇ ଦିନ ଧରି ଅଞ୍ଚଳର ପ୍ରାୟ ୧୦ଟି ପଞ୍ଚାୟତକୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପାନୀୟ ଜଳର ବିକଳ୍ପ ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ବାସିନ୍ଦାମାନେ ନଳକୂପରୁ ବାହାରୁଥିବା ଅସ୍ୱାସ୍ଥ୍ୟକର ମାଟିଆ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଜଳଯୋଗାଣ ବିଚ୍ଛିନ୍ନ ହେବା ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ହେଁ, ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବିଭାଗୀୟ ଉଦାସୀନତା ଯୋଗୁଁ ହଜାର ହଜାର ଲୋକ ଜଳକଷ୍ଟ ଭୋଗୁଥିବା ବେଳେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ତୁରନ୍ତ ପାଇପର ମରାମତି କରି ଜଳଯୋଗାଣ ସ୍ୱାଭାବିକ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

**ଦୁଇ ଦିନହେଲା ଲୋକେ ହନ୍ତସନ୍ତ**

## ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ

ନିଶ୍ଚିନ୍ତକୋଇଲି,୧୮।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ବାଣୀନଗରଠାରେ କାଳିନ୍ଦୀ ବେହେରା ସ୍ମୃତି କମିଟି ଆନୁକୂଲ୍ୟରେ ସୁସାହିତ୍ୟିକ, ବିଶିଷ୍ଟ ରାଜନେତା, ଆଧ୍ୟାତ୍ମିକବାଦୀ ତଥା ପୂର୍ବତନ ମନ୍ତ୍ରୀ ଅଧ୍ୟାପକ କାଳିନ୍ଦୀ ବେହେରାଙ୍କ ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ଶକ୍ତିଶ୍ୱର ମନ୍ଦିର ପରିସରରେ ଥିବା ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ସ୍ମୃତିଚାରଣ କରାଯାଇଛି। ସ୍ମୃତି କମିଟିର ସଂଯୋଜକ ରମେଶଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଏଥିରେ ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡା, ଦେବେନ୍ଦ୍ର ସାହୁ, ପ୍ରାକ୍ତନ ବିଇଓ ଲକ୍ଷ୍ମଣ ଲେଙ୍କା, ପ୍ରାକ୍ତନ ସହକାରୀ ଏବିଇଓ ନାରାୟଣ ରାଉତ, ଅଭିରାମ ମଲ୍ଲ, ଜଗବନ୍ଧୁ ରାଉତ, ନନ୍ଦ କିଶୋର ରାଉତ, ଘନଶ୍ୟାମ ପାଢ଼ୀ, ସୁବାଷିଶ ଷଡଙ୍ଗୀ, ଅଜୟ ସ୍ୱାଇଁ, ରଘୁନାଥ ବାରିକ, ମାଧବ ଚନ୍ଦ୍ର ପଲେଇ, ଚିତ୍ତରଞ୍ଜନ ନାୟକ, ଉତ୍ତମ ମଲ୍ଲିକ, ଭାଗ୍ୟଧର ସେଠୀ, ବିଚିତ୍ରାନନ୍ଦ ଜେନା, ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ମହୋତ୍ସବ ପ୍ରସ୍ତୁତି



ଟାଙ୍ଗୀ,୧୮।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ବିଦ୍ୟାପୀଠ ଖେଳପଡ଼ିଆରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଞ୍ଚରାତ୍ର ଓ ଚବିଶ ବେଶ କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସଫଳ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମାଗୁରା-ଧାନମଣ୍ଡଳ ପଞ୍ଚାୟତ ଅନ୍ତର୍ଗତ ଶ୍ରୀ ଶ୍ରୀ ଶନିଶ୍ଚରଙ୍କ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଶ୍ମିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମାଗୁରା ସମେତ ଉଚ୍ଚିମୁଣ୍ଡା ଓ ଜରିପଡ଼ା ପଞ୍ଚାୟତର ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ଚୌଦ୍ୱାର-ଟାଙ୍ଗୀ ଶ୍ରୀ ଜଗନ୍ନାଥ ଭକ୍ତ ସମାଜର ସମ୍ପାଦକ ଶରତ ଖୁଣ୍ଟିଆ, କାର୍ଯ୍ୟକାରୀ ସମ୍ପାଦକ ନାରାୟଣ ସ୍ୱାଇଁ, ସୁରେନ୍ଦ୍ର ସାମଲ, ଅମୂଲ୍ୟ ବେଉରା, ଭାଗିରଥୀ ସାହୁ, ବାବାଜୀ ଚରଣ ମହାନ୍ତି, ବିଜୟ ସାହୁ, ଅଶୋକ ପୃଷ୍ଟି, ଜୟନ୍ତ ଦାସ, ସହଦେବ ବରାଳ, ନୀଳକଣ୍ଠ ବ୍ରହ୍ମା, ନକୁଳ ରାଉତ, ଦୟାନିଧି ନାୟକ, ସୁନାକର ଚିନ୍ନାରା, ବୈକୁଣ୍ଠ ବ୍ରହ୍ମା, ନାରୀନେତ୍ରୀ ଅନୁରାଧା ନାୟକ ଓ ସାମ୍ବାଦିକ ଗଗନ ମହାନ୍ତି ଯୋଗ ଦେଇଥିଲେ।

## ବିଶ୍ୱ ମହିଳା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ




ସାଲେପୁର,୧୮।୨(ସମିସ): ଆଜି ସାଲେପୁର ମଧୁମଣ୍ଡପଠାରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମହିଳା ମୋର୍ଚ୍ଚାର ପୂର୍ବତନ ସାଧାରଣ ସଂପାଦିକା ଅମିତା ସାହାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚୌଧୁରୀ ହେମନ୍ତ ସାହୁ, ମହିଳା ନେତ୍ରୀ ଗୀତାଞ୍ଜଳି ପ୍ରଧାନ, ସୁଲିପ୍ତା ଶତପଥି, ଅନିତା ମଲ୍ଲିକ, ମନୋରମା ଲେଙ୍କା, ରଶ୍ମି ବିଶ୍ୱାଳ, ଅନୁସୟା ଘଡେଇ, ପ୍ରିୟଦର୍ଶିନୀ ପ୍ରଧାନ, ବନ୍ଦନା ରାଉତ, ଆତ୍ମା ସଭାପତି ରମେଶ ନାୟକ, ଲକ୍ଷ୍ମୀଧର ନାଥ, ବିଜେପି ନେତା ସତ୍ୟବାଦୀ ଚଇନି, ସତ୍ୟଶିବ ସୁନ୍ଦର କର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଲେପୁର ବ୍ଲକ୍ ମିଶନ୍ ଶକ୍ତିର ପୂର୍ବତନ ସଭାନେତ୍ରୀ ମଞ୍ଜୁଶ୍ରୀ ପାଣିଗ୍ରାହୀ, ବାରିଗୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଲିମା ପ୍ରିୟଦର୍ଶିନୀ ମହାପାତ୍ର, ନାରୀନେତ୍ରୀ ଇଂ. ଆରଧନା ପଣ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱକୁ ସ୍ୱାଗତ କରି ବିଧିବଦ୍ଧ ଭାବେ ଆଜି ବିଜେପି ଦଳରେ ସାମିଲ ହୋଇଥିଲେ। ସାଲେପୁର ବିଜେପି ପକ୍ଷରୁ ବିଶ୍ୱ ମହିଳା ଦିବସ ଜୋରଦାର ପାଳନ କରାଯିବା ସହ ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ସଂଖ୍ୟକ ମହିଳାମାନେ କିଭଳି ଯୋଗଦେବେ ସେ ନେଇ ଆଜିର ଏହି ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଯଶୋବନ୍ତ ରାଉତ, ମୁନା ଜେନାଙ୍କ ସମେତ ବହୁ ମହିଳା ଓ ବିଜେପି କର୍ମୀମାନେ ସାମିଲ ହୋଇଥିଲେ।

## ରାମାୟଣ ପାରାୟଣ ଉଦ୍‌ଯାପିତ



ଚୌଦ୍ୱାର,୧୮।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ନଖରା ପଞ୍ଚାୟତର ଚାଣ୍ଡୋସ୍ଥିତ ସଂକଟମୋଚନ ହନୁମାନଜୀଉ ମନ୍ଦିରରେ ଶ୍ରୀ ରାମଚରିତ ମାନସ ପାରାୟଣ ଓ ହନୁମାନଜୀଉଙ୍କ ସପ୍ତମ ବାର୍ଷିକ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର ପ୍ରସାଦ ପାଣ୍ଡେ ଓ ରଶ୍ମିତା ଦାଶ କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ପ୍ରତି ସଂଧ୍ୟାରେ ମାନସ ପାରାୟଣ, ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର କୃତିବାସ ନାୟକ, ବିଚିତ୍ରାନନ୍ଦ ପଣ୍ଡା, ମଧୁସୂଦନ ପରିଡ଼ା, ପବିତ୍ର ମୋହନ ଉପାଧ୍ୟାୟଙ୍କ ସମେତ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ।

## କୁଷ୍ଠ ସଚେତନତା ଅଭିଯାନ

ତିଗିରିଆ,୧୮।୨(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକର ବିଭିନ୍ନ ବିଦ୍ୟାଳୟ, ସମସ୍ତ ଜିକେଏସ ମାଧ୍ୟମରେ ସ୍ପର୍ଶ କୁଷ୍ଠ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ତଥା ବ୍ଲକ ମେଡ଼ିକାଲ ଅଫିସର ଡାକ୍ତର ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଜାନୁଆରୀ ମାସ ୩୦ରୁ ଚଳିତ ମାସ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଷ୍ଠ ରୋଗ ଓ ରୋଗୀ ସଚେତନ କରାଯିବା ସହ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୁଷ୍ଠ ବିଭାଗ ଡାକ୍ତର ଦୀପା ପଟ୍ଟନାୟକ, କୁଷ୍ଠ ବିଭାଗ ସୁପରଭାଇଜର ବିଷ୍ଣୁଚରଣ ମହାରଣାଙ୍କ ସହ ଡାକ୍ତର ପ୍ରିୟଦର୍ଶିନୀ ଷଡଙ୍ଗୀ, କର୍ମଚାରୀ ମୃତ୍ୟୁଞ୍ଜୟ ମହାପାତ୍ର, ବିଦ୍ୟୁତପ୍ରଭା ନନ୍ଦ, ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ମହିଳା ସ୍ୱାସ୍ଥ୍ୟକର୍ମୀ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ସହଯୋଗ କରିଥିଲେ।

### ଆଜି ମାଟ୍ରିକ ପରୀକ୍ଷା

# ୧୫ଟି କେନ୍ଦ୍ରରେ ୧୭୭୯ ପରୀକ୍ଷାର୍ଥୀ

ନିଶ୍ଚିନ୍ତକୋଇଲି,୧୮।୨(ସମିସ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଗୁରୁତ୍ୱପୂର୍ଣ୍ଣ ମାଟ୍ରିକ ପରୀକ୍ଷା ଆଜିଠାରୁ ଆରମ୍ଭ ହେଉଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ୧୫ଟି ପରୀକ୍ଷା କେନ୍ଦ୍ରରେ ୧୭୭୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାଯାଇଛି। ଏହି ବ୍ଲକରେ ଥିବା ୪୭ଟି ହାଇସ୍କୁଲରେ ଅଧ୍ୟୟନରତ ୧୦ମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ପରୀକ୍ଷା ପ୍ରବେଶ ପତ୍ର ପ୍ରଦାନ କରାଯାଇଛି। ପୂର୍ବ ବର୍ଷ ପରି ଏ ବର୍ଷ ମଧ୍ୟ ମୁଖ୍ୟାଳୟରେ ଥିବା ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ରର ହବ୍ ସେଣ୍ଟର କରାଯାଇଛି। ଏହି ସେଣ୍ଟରରେ ଗତ ମଙ୍ଗଳବାରଠାରୁ ବୋର୍ଡ ପକ୍ଷରୁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିବା ବେଳେ ଏହାକୁ ପୁଲିସର କଡା ସୁରକ୍ଷା ଏବଂ ସିସିଟିଭି କ୍ୟାମେରା ମଧ୍ୟରେ ରଖାଯାଇଛି। ସକାଳ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପରୀକ୍ଷା ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା ବେଳେ କିଭଳି ୯ଟା ପୂର୍ବରୁ ସମସ୍ତ କେନ୍ଦ୍ରରେ ପ୍ରଶ୍ନପତ୍ର ଓ ଉତ୍ତର ଖାତା ପହଞ୍ଚିବ ସେ ନେଇ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଏହି ବ୍ଲକର ବିଭିନ୍ନ କେନ୍ଦ୍ରରେ କିଭଳି ଶୃଙ୍ଖଳିତ ପରୀକ୍ଷା ପରିଚାଳନା କରାଯିବ ସେ ନେଇ ମଧ୍ୟ ବ୍ୟବସ୍ଥା ହୋଇଛି। ବିଶେଷ କରି ଏହି ବ୍ଲକର ୧୦ମ ଶ୍ରେଣୀରେ ୨୭୧୮ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ସଂସ୍କୃତ ଟୋଲ ମଧ୍ୟମାରେ ୬୧ ଜଣ ଛାତ୍ର ରହିଥିବା ଜଣାଯାଇଛି। ଏହି ବ୍ଲକର ଅସୁରେଶ୍ୱର ହାଇସ୍କୁଲ କେନ୍ଦ୍ରରେ ୧୩୩ ଜଣ, ବଳରାମପୁର କେନ୍ଦ୍ରରେ ୧୯୮ ଜଣ, ଅହମ୍ମଦ ବକ୍ସ କେନ୍ଦ୍ରରେ ୨୦୮ ଜଣ, ନେମାଳ କେନ୍ଦ୍ରରେ ୨୩୪ ଜଣ, ଖଣ୍ଡସାହି ଜଗନ୍ନାଥ ବିଦ୍ୟାପୀଠ କେନ୍ଦ୍ରରେ ୧୬୪ ଜଣ, ବନ୍ଧକାଠିଆ ଜୁବୁଲି ବିଦ୍ୟାପୀଠରେ ୨୧୯ ଜଣ, ଗଡିଜଙ୍ଗ କଳିଙ୍ଗ ମଡେଲ ହାଇସ୍କୁଲରେ ୨୧୮ ଜଣ, କେନ୍ଦୁପାଟଣା କେନ୍ଦ୍ରରେ ୧୫୬ ଜଣ, ଖଣ୍ଡାୟତ ପଟିକିରାରେ ୧୯୬ ଜଣ, କୁଳସୁକରପଡା କେନ୍ଦ୍ରରେ ୧୩୦ ଜଣ, ରାମକୃଷ୍ଣପୁର-ଓସ୍ତପୁର କେନ୍ଦ୍ରରେ ୨୨୮ ଜଣ, ଉତ୍ତରକୂଳ କେନ୍ଦ୍ରରେ ୧୪୯ ଜଣ, ନରୁଆ ମଙ୍ଗଳପୁର କେନ୍ଦ୍ରରେ ୨୦୪ ଜଣ, ଇସାଣୀବରହମପୁର କେନ୍ଦ୍ରରେ ୧୮୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏକ ମାତ୍ର ଅହମ୍ମଦ ବକ୍ସ ପରୀକ୍ଷା କେନ୍ଦ୍ରରେ ମଧ୍ୟମା ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଛି।

## କଡ଼ା ସୁରକ୍ଷାରେ ସିବିଏସ୍‌ଇ, ବୋର୍ଡ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷା

ଆଠଗଡ଼ : ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଚଳିତ ବର୍ଷର +୨ ଦ୍ୱିତୀୟ ବର୍ଷ ପରୀକ୍ଷା ୧୮ ତାରିଖ ବୁଧବାରଠାରୁ ଆରମ୍ଭ ହୋଇଛି। ଆଠଗଡ଼ସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରେ ନିକଟବର୍ତ୍ତୀ ଛଅଟି କଲେଜ ପାଇଁ ପ୍ରଶ୍ନପତ୍ର ସଂରକ୍ଷଣ କେନ୍ଦ୍ର (ହବ୍) ହୋଇଛି। ସିଏଚଏସସି ପକ୍ଷରୁ ଗତ ୧୪ ତାରିଖରୁ ଏଠାକୁ ପ୍ରଶ୍ନପତ୍ର ସୁରକ୍ଷାବଳୟ ମଧ୍ୟରେ ଆସି ପହଞ୍ଚି ସାରିଛି ବୋଲି ହବ୍ ସୁପରଭାଇଜର ତଥା କଲେଜ ଅଧ୍ୟକ୍ଷ ଡ.ଲୋକନାଥ ସାହୁଙ୍କ ସୂତ୍ରରୁ ପ୍ରକାଶ। ଏଠାରେ ସଶସ୍ତ୍ର ପୁଲିସ ସୁରକ୍ଷା ଓ ଏଆଇ ସିସିଟିଭି କ୍ୟାମେରା ବଳୟ ମଧ୍ୟରେ ପ୍ରଶ୍ନପତ୍ର ରହିଥିବା ବେଳେ ଲାଗିଥିବା ଏଆଇ ସିସିଟିଭି ଭୁବନେଶ୍ୱରସ୍ଥିତ ଉଚ୍ଚ ମାଧ୍ୟମିକ ପରିଷଦ ସହିତ ସିଧାସଳଖ ସଂଯୋଗ ହୋଇଛି। ଏଠାରେ ଗୋପବନ୍ଧୁ ବିଜ୍ଞାନ କନିଷ୍ଠ କଲେଜର ବିଜ୍ଞାନରେ ୨୦୮ ଜଣ, କଳାରେ ୨୫୯, ବାଣିଜ୍ୟରେ ୯, ଧନ୍ଦାମୂଳକ ଶିକ୍ଷାର ୯ ଏବଂ ଏହି କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ଘରୋଇ ଏସଏସଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ୮୦ ଜଣ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ରହିଛି। ସେହିପରି ଆଠଗଡର ଗୋପବନ୍ଧୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ୨୨୩, କଖଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ୨୩୨ ଜଣ, ବାଙ୍କୀ ବ୍ଲକର ସରଣ୍ଡାସ୍ଥିତ ଅଂଶୁପା ଏଚଏସଏସର କଳାରେ ୧୧୧, ତିଗିରିଆର କଳିଙ୍ଗ ମହିଳା ଏଚଏସଏସର ୧୨୩ ଏବଂ ତିଗିରିଆ ପିପି ଦେବ ଏଚଏସଏସର କଳାରେ ୩୪୫ ଜଣ, ବିଜ୍ଞାନରେ ୧୧ ଓ ଧନ୍ଦାମୂଳକ ଶିକ୍ଷାର ୧ ଜଣଙ୍କୁ ମିଶାଇ ମୋଟ ୧୬୧୧ ଜଣ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ସଂରକ୍ଷିତ ରହିଛି। ଏଠାରୁ ପ୍ରତି ପରୀକ୍ଷା ଦିନ ସକାଳେ ଦୁଇଟି ଗାଡିରେ ଅଧ୍ୟାପକ ଓ କର୍ମଚାରୀଙ୍କ ଦୁଇଟି ଦଳ ପୁଲିସ ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ସୁରୁଖୁରୁରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା ହୋଇଛି। ଗୋପବନ୍ଧୁ ବିଜ୍ଞାନ କଲେଜର ପ୍ରଶ୍ନପତ୍ର ସଂରକ୍ଷଣ କେନ୍ଦ୍ର ସୁପରଭାଇଜର ସହିତ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଦାୟିତ୍ୱ କଲେଜ ଅଧ୍ୟକ୍ଷ ଡ.ସାହୁଙ୍କ ଉପରେ ନ୍ୟସ୍ତ ହୋଇଛି। ପ୍ରଶ୍ନପତ୍ର ଏହି ଠାରୁ କଡା ସୁରକ୍ଷା ମଧ୍ୟରେ ନିକଟସ୍ଥ କଲେଜଗୁଡ଼ିକୁ ପହଞ୍ଚାଇ ଦିଆଯାଇଥିବା ଜଣାପଡିଛି। ସେହିପରି ଆସନ୍ତା କାଲି ମାଟ୍ରିକ ପରୀକ୍ଷା ପାଇଁ ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠକୁ ପ୍ରଶ୍ନ ପତ୍ର ହବ ଭାବରେ ବ୍ୟବହାର କରାଯାଉଛି। ମାଟ୍ରିକ ପରୀକ୍ଷାର ପ୍ରଶ୍ନପତ୍ର ଗୁଡ଼ିକୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଥିବା ଜଣାପଡିଛି। ଏଠାରୁ ତିନୋଟି ଗାଡ଼ିରେ ପ୍ରତି ପରୀକ୍ଷା କେନ୍ଦ୍ର ଗୁଡିକୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ଆଠଗଡ଼ ବ୍ଲକର ୧୦ଟି ପରୀକ୍ଷା କେନ୍ଦ୍ରରେ ୨୦୭୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ସିବିଏସଇ ଦ୍ୱାରା ପରିଚାଳିତ ୧୦ମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ରାଜବାଟୀ ନଗରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଛି। ଗତକାଲି ଆରମ୍ଭ ହୋଇଥିବା ୧୦ମ ବୋର୍ଡ ପରୀକ୍ଷାରେ ୩ଟି ସ୍କୁଲର ୪୩୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଆଜି ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୨୩୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଖୁଣ୍ଟକଟାସ୍ଥିତ କାନାରା ବ୍ୟାଙ୍କରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ରହିଛି। ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ତଥା ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷ ପ୍ରେମରାଜ ପାତ୍ରୋ ପୁଲିସ ସହାୟତାରେ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର କେନ୍ଦ୍ରକୁ ଆଣି ପରୀକ୍ଷା ନିୟନ୍ତ୍ରଣ କରୁଥିବା ଲକ୍ଷ୍ୟ କରାଯାଇଛି।

### ତିଗିରିଆ ବ୍ଲକରେ ୧୧୫୫ ପରୀକ୍ଷାର୍ଥୀ

ତିଗିରିଆ : ଚଳିତ ବର୍ଷ ବ୍ଲକରେ ମୋଟ ୭ଟି ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ମୋଟ ୧୧୫୫ ଜଣ ପରୀକ୍ଷାର୍ଥୀ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୨୪ ଜଣ ଛାତ୍ର ହୋଇଥିବା ବେଳେ ୫୩୧ ଜଣ ଛାତ୍ରୀ ଅଛନ୍ତି। ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ମୋଟ ୨୧୭ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୫୧ ଜଣ ଛାତ୍ର ଓ ୬୬ ଜଣ ଛାତ୍ରୀ, ଶ୍ରୀଜଗନ୍ନାଥ ନୋଡାଲ ବିଦ୍ୟାପୀଠରେ ମୋଟ ୧୪୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୬୯ ଜଣ ଛାତ୍ର ଓ ୭୭ ଜଣ ଛାତ୍ରୀ, ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ମୋଟ ୨୧୪ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩୩ ଜଣ ଛାତ୍ର, ୮୧ ଜଣ ଛାତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋଟ ୨୦୩ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ୧୧୬ ଜଣ ଛାତ୍ର, ୮୭ ଜଣ ଛାତ୍ରୀ, ପବିତ୍ର ମୋହନ ବିଦ୍ୟାପୀଠରେ ୧୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୬୭ ଜଣ ଛାତ୍ର, ୯୬ ଜଣ ଛାତ୍ରୀ, ବିନ୍ଧାଣିମା ନୋଡାଲ ବିଦ୍ୟାପୀଠରେ ମୋଟ ୧୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୩୪ ଜଣ ଛାତ୍ର, ୭୯ ଜଣ ଛାତ୍ରୀ ଥିବାର ସୂଚନା ମିଳିଛି। ଅନ୍ୟପକ୍ଷରେ ବିନ୍ଧାଣିମା ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ବିଦ୍ୟାଳୟରେ ମୋଟ ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡିଛି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୪ ଜଣ ଛାତ୍ର, ୪୫ ଜଣ ଛାତ୍ରୀ ରହିଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୬୮ ● ପାଉଣ୍ଡ ୧୨୨.୯୦
- ୟୁରୋ ୧୦୭.୩୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୧,୩୫୦ (ଭୁବନେଶ୍ୱର)
- ରୁପା : ୨,୫୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୭୩୪.୦୦
- ନିଫ୍ଟି ୨୫,୮୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଚୀନ୍ ଉପକରଣ ଆମଦାନୀ କଟକଣା କୋହଳ

# ଚୀନ୍ ପାଇଁ ଖୋଲିଲେ ସରକାରୀ ଠିକା ବଜାର




ନୂଆଦିଲ୍ଲୀ,୧୮ ।୨(ଏଜେନ୍ସି): ଭାରତ-ଚୀନ୍ ବାଣିଜ୍ୟ ସମ୍ପର୍କରେ ଥିବା ଫାଟ ଏବେ ଧୀରେ ଧୀରେ ଦୂର ହେବାରେ ଲାଗିଛି । ବାଣିଜ୍ୟ କାବରାର କ୍ଷେତ୍ରରେ ଦୁଇ ଦେଶ ପରସ୍ପରର ନିକଟତର ହେଉଛନ୍ତି । ଭାରତ ଏବେ ଚୀନ୍ ଉପକରଣ ଆମଦାନୀ ଉପରେ କଟକଣାକୁ କୋହଳ କରିଛି । ବିଦ୍ୟୁତ୍ ଏବଂ କୋଇଲା ପ୍ରକଳ୍ପରେ ବିଳମ୍ବ ଏବଂ ଅଭାବକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଦୁଇଜଣ ସରକାରୀ କହିଛନ୍ତି ଯେ ୨୦୨୦ ଜୁନ୍‌ରେ ଗଲୱାନ୍ ସଂଘର୍ଷ ପରେ ଭାରତ ଚୀନ୍ ଉପକରଣ ଆମଦାନୀକୁ ନିଷେଧ କରିଥିଲା । ବର୍ତ୍ତମାନ, ରାଷ୍ଟ୍ରାୟତ୍ତ ବିଦ୍ୟୁତ୍ ଏବଂ କୋଇଲା କମ୍ପାନୀଗୁଡ଼ିକୁ ସୀମିତ ପରିମାଣରେ ଚୀନ୍ ଉପକରଣ କ୍ରୟ କରିବାକୁ ଅନୁମତି ଦିଆଯାଇଛି ।

ଏହା ୫ବର୍ଷ ପୁରୁଣା ପ୍ରତିବନ୍ଧକରେ ଏକ ଗୁରୁତ୍ୱପୂର୍ଣ୍ଣ ଛାଡ଼ । ଏହି ପ୍ରତିବନ୍ଧକଗୁଡ଼ିକ ଚୀନ୍ କମ୍ପାନୀଗୁଡ଼ିକୁ ଭାରତର ୭୦୦ ବିଲିୟନ ଡଲାରରୁ ୭୫୦ ବିଲିୟନ ଡଲାର ସରକାରୀ ଠିକା ବଜାରରୁ ପ୍ରାୟତଃ ବାଦ୍ ଦେଇଥିଲା । ଜାନୁଆରୀରେ, ରଏଟର୍ସ ରିପୋର୍ଟ କରିଥିଲା ଯେ ସୀମା ଉତ୍ତେଜନା ହ୍ରାସ ପାଇବା ସହିତ ଭାରତ ଚୀନ୍ ବିଡର୍ ପାଇଁ ସରକାରୀ ଚୁକ୍ତିରେ ବ୍ୟାପକ ରିଆତି ଉପରେ ବିଚାର କରୁଛି । ଦିଲ୍ଲୀ ଚୀନ୍ ବିଡରଙ୍କ ପାଇଁ ସରକାରୀ ପ୍ୟାନେଲରେ ପଞ୍ଜୀକରଣ କରିବା ଏବଂ କୌଣସି ସରକାରୀ ଚୁକ୍ତି ପାଇଁ ପ୍ରତିଯୋଗିତା କରିବା ପୂର୍ବରୁ ରାଜନୈତିକ ଏବଂ ସୁରକ୍ଷା ଅନୁମୋଦନ ପାଇବାକୁ ବାଧ୍ୟତାମୂଳକ କରିଥିଲା ।

ଭାରତ ଏବେ ସରକାରୀ ଅନୁମତି ବିନା ଏକ ଚୀନ୍ ବିଦ୍ୟୁତ୍ ପରିବହନ ଉପକରଣ ଆମଦାନୀ କରିବାକୁ ରାଷ୍ଟ୍ରାୟତ୍ତ ବିଦ୍ୟୁତ୍ କମ୍ପାନୀଗୁଡ଼ିକୁ ଅନୁମତି ଦେଇଛି । ଜଣେ ଅଧିକାରୀ କହିଛନ୍ତି ଯେ ଚୀନ୍ ଆମଦାନୀକୁ ସୀମିତ କରିବା ଦ୍ୱାରା ଭାରତର ଉତ୍ପାଦନ କ୍ଷମତା କ୍ଷତିଗ୍ରସ୍ତ ହେବ ବୋଲି ଚିନ୍ତା ପ୍ରକାଶ କରି 'ଜାତୀୟ ସ୍ୱାର୍ଥ'କୁ ନଜରରେ ରଖି ଏହି ରିଆତି ପ୍ରଦାନ କରାଯାଇଛି । ଉଭୟ ଅଧିକାରୀ କହିଛନ୍ତି ଯେ ସରକାରୀ ବିଭାଗଗୁଡ଼ିକ ବାରମ୍ବାର ଅନୁରୋଧ କରିବା ପରେ ସରକାର ଛାଡ ଦେଇଛନ୍ତି, ଯେଉଁମାନେ ୨୦୨୦ କଟକଣା ଯୋଗୁଁ ଅଭାବ ଏବଂ ପ୍ରକଳ୍ପ ବିଳମ୍ବର ସମ୍ମୁଖୀନ ହେଉଥିଲେ ।

**ଭାରତ ଏବଂ ଚୀନ୍ ବାଣିଜ୍ୟ କାରବାରରେ ବଡ଼ ୟୁ-ଟର୍ଣ୍ଣ**

ସୀମାରେ ଉତ୍ତେଜନା ପରେ ଭାରତ-ଚୀନ୍ ସମ୍ପର୍କ ପୁଞ୍ଜି, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିଭାର ଆଦାନପ୍ରଦାନକୁ ମନ୍ଥର କରିଦେଇଛି । ଅବଜରଭର ରିସର୍ଚ୍ଚ ଫାଉଣ୍ଡେସନର ୨୦୨୪ ରିପୋର୍ଟ ଅନୁଯାୟୀ, ୨୦୧୧ରେ ଚୀନ୍ ବିଡରଙ୍କୁ ନୂତନ ପ୍ରକଳ୍ପ ପ୍ରଦାନ ପୂର୍ବ ବର୍ଷ ତୁଳନାରେ ୨୭% ହ୍ରାସ ପାଇଛି । ଭାରତ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ୍ ଅଣ-ଜୀବାଶ୍ମ କ୍ଷମତା ଯୋଡିବାକୁ ଲକ୍ଷ୍ୟ ରଖିଛି, କିନ୍ତୁ କାର୍ଯ୍ୟାନ୍ୱୟନ ବିଳମ୍ବ ଏବଂ ପରିବହନ ବାଧା ଜାରି ରହିଛି । ବିଦ୍ୟୁତ୍ ପରିବହନ ପ୍ରକଳ୍ପଗୁଡ଼ିକ ଆଗାମୀ ତିନି ବର୍ଷ ମଧ୍ୟରେ ଟ୍ରାନ୍ସଫର୍ମର ଏବଂ ରିଆକ୍ଟରର ପ୍ରାୟ ୪୦% ଅଭାବର ସମ୍ମୁଖୀନ ହେଉଛନ୍ତି ।

ଅପରପକ୍ଷେ ଏହା ଚୀନ୍ ପାଇଁ ଭାରତ ପ୍ରଦାନ କରୁଥିବା ପ୍ରଥମ ରିଆତି ନୁହେଁ । ସମ୍ପ୍ରତି, ଭାରତ ସରକାର ଚୀନ୍‌ଠାରୁ ଛୋଟ ନିବେଶକୁ ମଧ୍ୟ ଅନୁମତି ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ପରିବର୍ତ୍ତନ ଏପରି ସମୟରେ ଆସିଛି ଯେତେବେଳେ ଭାରତ ଏବଂ ଚୀନ୍ ବାଣିଜ୍ୟ ସମ୍ପର୍କ ପୁନଃନିର୍ମାଣ କରିବାକୁ ଚେଷ୍ଟା କରୁଛନ୍ତି ।

### ଘର କ୍ରେତାଙ୍କ ହାରାହାରି ବୟସ ୩୪କୁ ହ୍ରାସ

# ୭୪% ଘର କିଣିଛନ୍ତି ମିଲେନିଆଲ୍ସ ଓ ଜେନ୍-ଜି

ନୂଆଦିଲ୍ଲୀ,୧୮ ।୨(ଏଜେନ୍ସି): ଦେଶର ଜେନ୍-ଜିଙ୍କୁ ଏବେ ଘାରିଛି ଘର କିଣା ନିଶା । ଦେଶରେ ୭୪% ବିକ୍ରି ହୋଇଥିବା ଘର କିଣିଛନ୍ତି ୩୫ ବର୍ଷରୁ କମ୍ ବୟସର ଲୋକେ । ଏହି କ୍ରେତାଙ୍କ ମଧ୍ୟରୁ ୩୨% ହେଉଛନ୍ତି ୨୫ ବର୍ଷରୁ କମ୍ ବୟସର । ହୋମଲୋନ ଏଗ୍ରୀଗେସନ ଓ ଡିଷ୍ଟ୍ରିବ୍ୟୁସନ ପ୍ଲାଟଫର୍ମର ବେସିକ ହୋମ୍ ଲୋନ ସର୍ଭେ 'ଘର କା ସପ୍ନା କୈଶା ପୂରା କରତା ହେ ଭାରତ' ରିପୋର୍ଟରେ ଏହା କୁହାଯାଇଛି ।

**୩୨% ହେଉଛନ୍ତି ୨୫ ବର୍ଷରୁ କମ୍ ବୟସର**

ପୂର୍ବରୁ ସାଧାରଣ ଭାରତୀୟ ପରିବାର ପ୍ରଥମେ ପଇସା ସଞ୍ଚୟ କରିବା ପରେ ଘର କିଣିବା ନୀତି ଅନୁସରଣ କରୁଥିଲେ । ହେଲେ ବର୍ତ୍ତମାନ,ଚାକିରି ପାଇବା ମାତ୍ରେ ଘର କିଣିବା ଧାରା ଆରମ୍ଭ ହୋଇଯାଇଛି । ଆଉ ଏହି ଟ୍ରେଣ୍ଡ ମିଲେନିଆଲ୍ସ ଓ ଜେନ୍-ଜିଙ୍କଠାରେ ଅଧିକ ଦେଖାଯାଉଛି । ଦେଶରେ ୭୪% ବିକ୍ରି ହୋଇଥିବା ଘର କିଣିଛନ୍ତି ୩୫ବର୍ଷରୁ କମ୍ ବୟସର ଲୋକେ । ଏକ ସର୍ଭେରେ ଏହି ରୋଚକ ତଥ୍ୟ ସାମ୍ନାକୁ ଆସିଛି ।

ସର୍ଭେ ରିପୋର୍ଟ ଅନୁଯାୟୀ, ଉଚ୍ଚ ଆୟକାରୀମାନେ ଘର ଇଏମ୍‌ଆଇ ପାଇଁ ସେମାନଙ୍କର ବାର୍ଷିକ ଆୟର ୫୦% ପର୍ଯ୍ୟନ୍ତ ଦେବାକୁ ଇଚ୍ଛୁକ । ଡିଜିଟାଲ୍ ପ୍ଲାଟଫର୍ମରେ ଦ୍ରୁତ ପ୍ରକ୍ରିୟାକରଣ କମ୍ ବୟସର କ୍ରେତାମାନଙ୍କୁ ଅଧିକ ଆକର୍ଷିତ କରୁଛି । ତଥାପି, ସେମାନେ ଅତି କମ୍‌ରେ ୫୦ ବର୍ଷ ପୁରୁଣା ଏବଂ ବିଶ୍ୱସ୍ତ ଆର୍ଥିକ ସଂସ୍ଥାରୁ ଋଣ ନେବାକୁ ପସନ୍ଦ କରୁଛନ୍ତି । ସର୍ଭେ ଅନୁଯାୟୀ ଏହି ୬ ବର୍ଷ ମଧ୍ୟରେ ଗୃହ କ୍ରେତାଙ୍କ ହାରାହାରି ବୟସ ୩୮ ରୁ ୩୪ ବର୍ଷକୁ ହ୍ରାସ ପାଇଛି । ଏହି ସର୍ଭେ ବିଭିନ୍ନ ବୟସ ଗୋଷ୍ଠୀର ୨୩ ହଜାର ଲୋକଙ୍କ ଉପରେ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩୧%ଙ୍କ ବାର୍ଷିକ ଆୟ ୫୦ ଲକ୍ଷ ଟଙ୍କାରୁ ଅଧିକ ଥିଲା । ଏହା ବ୍ୟତୀତ ୨୯%ଙ୍କ ଆୟ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ୨୦%ଙ୍କ ଆୟ ୫ ରୁ ୧୦ ଲକ୍ଷ ଟଙ୍କା, ୭%ଙ୍କ ଆୟ ୧୧ ରୁ ୨୦ ଲକ୍ଷ ଟଙ୍କା, ୪%ଙ୍କ ଆୟ ୨୧ ରୁ ୩୫ ଲକ୍ଷ ଟଙ୍କା ଏବଂ ୯%ଙ୍କ ଆୟ ୩୬ ରୁ ୪୦ ଲକ୍ଷ ଟଙ୍କା ଥିଲା । ଏମାନଙ୍କ ମଧ୍ୟରୁ ୯୧% ପୁରୁଷ ଏବଂ ୯% ମହିଳା ଥିଲେ । ଘର କିଣିବାରେ ମହିଳାଙ୍କ ଅଂଶ ନିରନ୍ତର ବୃଦ୍ଧି ପାଉଛି । ୨୦୨୪ ମସିହାରେ ଶ୍ରେଷ୍ଠ ସହରଗୁଡ଼ିକରେ ମହିଳାମାନେ ୧.୨୯ ଲକ୍ଷ ଆବାସିକ କାରବାର କରିଥିଲେ । ଏହି ସହରଗୁଡ଼ିକରେ ମୋଟ କାରବାରର ଏହା ୧୪% ଥିଲା ।

## ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍‌ରେ ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱତନ୍ତ୍ର କର୍ମଶାଳା

ଭୁବନେଶ୍ୱର, ୧୮ ।୨(ସମିସ): ଟାଟା ଷ୍ଟିଲ୍ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍ ୨୦୨୬' ଅନ୍ତର୍ଗତ 'ଏଆଇ ସଖୀ' ଇମର୍ସନ କାର୍ଯ୍ୟକ୍ରମରେ ୬୦୦ରୁ ଅଧିକ ମହିଳା ସାମିଲ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଶେଷ କରି ଓଡ଼ିଶାର ୩୧୫ ଜଣ ମହିଳା ଯୋଗ ଦେଇ ନୂତନ ଜ୍ଞାନକୌଶଳ ଶିକ୍ଷା କରିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଏବଂ ଟାଟା କନସଲଟାନ୍ସି ସର୍ଭିସେସର ନେତୃତ୍ୱରେ ପରିଚାଳିତ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଗ୍ରାମାଞ୍ଚଳର ମହିଳାମାନଙ୍କ ମଧ୍ୟରେ ଏଆଇ (ଇଓ) ବ୍ୟବହାର କରିବା ପାଇଁ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ସେମାନଙ୍କର ଜୀବିକାକୁ ଅଧିକ ସୁଦୃଢ଼ କରିବା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସିଆଇଆଇର 'ଆଲାଇନ୍ସ ଫର ଗ୍ଲୋବାଲ ଗୁଡ୍, ଜେଣ୍ଡର, ଇକ୍ୱିଟି ଆଣ୍ଡ ଇକ୍ୱାଲିଟି'ର ଅଧ୍ୟକ୍ଷା ଶ୍ରୀମତୀ ସ୍ମୃତି ଇରାନୀ ଯୋଗ ଦେଇଥିଲେ । ଏଥିସହ ଟାଟା ଷ୍ଟିଲ୍ ଫାଉଣ୍ଡେସନର ସିଇଓ ସୌରଭ ରୟ, ସରକାରୀ ଅଧିକାରୀ, ଏବଂ ଟାଟା ଗ୍ରୁପ୍‌ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ମୋଟ ୧୬୦୦ ମହିଳା ସାମିଲ ହୋଇଥିବା ବେଳେ ଓଡ଼ିଶାର ୩୧୫ ମହିଳା, ଝାରଖଣ୍ଡର ୩୧୧ ମହିଳା ଓ ଲୁଧିଆନାର ୯ ଜଣ ମହିଳା ସାମିଲ ହୋଇଥିଲେ ।

## ଭାରତ-ଫ୍ରାନ୍ସ ଏକାଡେମିକ ସମ୍ମିଳନୀ 'ରଶ୍'



ନୂଆଦିଲ୍ଲୀ,୧୮ ।୨(ଏଜେନ୍ସି): ଜ୍ଞାନ ହିଁ ଭାରତ ଓ ଫ୍ରାନ୍ସ ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ସେତୁ । 'ରଶ୍' କାର୍ଯ୍ୟକ୍ରମ ଉଭୟ ଦେଶ ମଧ୍ୟରେ ଏକାଡେମିକ ଏବଂ ଗବେଷଣା କ୍ଷେତ୍ରରେ ନୂତନ ଉର୍ଜା ସୃଷ୍ଟି ହେବ । ବୁଧବାର ନୂଆଦିଲ୍ଲୀ ଏମ୍ବସିଠାରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଉଚ୍ଚସ୍ତରୀୟ ଏକାଡେମିକ ଏବଂ ବୈଜ୍ଞାନିକ ସମ୍ମିଳନୀର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଫ୍ରାନ୍ସର ଡିଜିଟାଲ ବ୍ୟାପାର ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆମ୍ବାସେଡର କ୍ଲାରା ଚାପାଜ୍ ମଧ୍ୟ ଉପସ୍ଥିତ ଥିଲେ । ଏହି ସମ୍ମିଳନୀରେ ଇଣ୍ଡୋ-ଫ୍ରେଞ୍ଚ୍ କର୍ପୋରେସନ ଅର୍ଥାତ୍ ଭାରତ-ଫ୍ରାନ୍ସ ସହଯୋଗର ଭବିଷ୍ୟତ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଉଭୟ ଦେଶର ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଏବଂ ନବସୃଜନକାରୀମାନଙ୍କୁ ସ୍ୱାଗତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ଏହାର ସଠିକ୍ ଉପଯୋଗ କରିବା ପାଇଁ ମିଳିତ ସହଯୋଗର ଆବଶ୍ୟକତା ରହିଛି । ଅତ୍ୟାଧୁନିକ ଗବେଷଣା ଏବଂ ନବସୃଜନ ମାଧ୍ୟମରେ ଦୀର୍ଘକାଳୀନ ସମୃଦ୍ଧି, ସ୍ଥାୟୀ ବିକାଶ ସହ ବିଶ୍ୱ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉଭୟ ଦେଶର ପ୍ରାଥମିକତାରେ ରହିଛି । ଏହି ଉଚ୍ଚସ୍ତରୀୟ ବୈଠକ ଆଗାମୀ ଦିନରେ ଭାରତ-ଫ୍ରାନ୍ସ ମଧ୍ୟରେ ରଣନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବା ସହ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

# ୨୨ଟି ଆଇଟିଆଇ ହେବ 'ସେଣ୍ଟର ଅଫ୍ ଏକ୍ସିଲେନ୍ସ'

ଭୁବନେଶ୍ୱର, ୧୮ ।୨(ସମିସ): ରାଜ୍ୟର ଦକ୍ଷତା ଇକୋସିଷ୍ଟମ ରୂପାନ୍ତରଣ କରି ଶିଳ୍ପ ଆବଶ୍ୟକତା ପୂରଣ କରିବା ପାଇଁ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ବିଭିନ୍ନ କମ୍ପାନୀ ସହ ୩ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛି । ୟୁନିସେଫ୍ ସହଭାଗିତାରେ "ୟୁଥ୍ ହବ୍' ପ୍ଲାଟଫର୍ମରେ ପ୍ରାୟ ୨ହଜାରରୁ ଅଧିକ ଛାତ୍ରୀଙ୍କୁ ଡିଜିଟାଲ୍ ଦକ୍ଷତା ପ୍ରଶିକ୍ଷଣ ଓ ନିଯୁକ୍ତିରେ ସହାୟତା କରିବା ପାଇଁ ବୁଝାମଣା ହୋଇଛି । ସେହିପରି ବିଶ୍ୱ ଦକ୍ଷତା କେନ୍ଦ୍ର ଓ କାୱାସାକି ରୋବୋଟିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମିଳିତ ଭାବେ ରୋବୋଟିକ୍ସ, ଅଟୋମେସନ୍ ଏବଂ "ଇଣ୍ଡଷ୍ଟ୍ରି ୪.୦' ଟେକ୍ନୋଲୋଜି କ୍ଷେତ୍ରରେ ଯୁବପିଢ଼ିଙ୍କୁ ଦକ୍ଷ କରିବେ । ଅନୁରୂପ ଭାବେ ଜର୍ମାନୀ ଓ ଅନ୍ୟ ୟୁରୋପୀୟ ଦେଶରେ ନିଯୁକ୍ତି ପାଇଁ ଭାଷା ପ୍ରଶିକ୍ଷଣ ଏବଂ ବିଦେଶୀ ନିଯୁକ୍ତି ସୁବିଧା ପ୍ରଦାନ କରିବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ଆତ୍ରେୟ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

**୩ ଟି ଏମ୍‌ଓୟୁ ସ୍ୱାକ୍ଷର କଲା ବିଶ୍ୱ ଦକ୍ଷତା କେନ୍ଦ୍ର**

କାର୍ଯ୍ୟକ୍ରମରେ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି ଯେ ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ କରିବା ଲକ୍ଷ୍ୟରେ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଭିତ୍ତିଭୂମି ଶିଳ୍ପ ଗଢେ; ହେଲେ ଦକ୍ଷତା ହିଁ ମାନବ ସମ୍ବଳକୁ ସମୃଦ୍ଧ କରେ, ଯାହା ଶିଳ୍ପକୁ ବଢ଼ାଇବା ପାଇଁ ଆବଶ୍ୟକ ବୋଲି ସେ କହିଛନ୍ତି । ଟାଟା ଟେକ୍ନୋଲୋଜି ସହଭାଗିତାରେ ଓଡ଼ିଶାର ୨୨ଟି ସରକାରୀ ଆଇଟିଆଇକୁ ୭୭୯ କୋଟି ଟଙ୍କା ବ୍ୟୟରେ "ସେଣ୍ଟର ଅଫ୍ ଏକ୍ସିଲେନ୍ସ' ଭାବେ ଉନ୍ନତି କରାଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । ପ୍ରକଳ୍ପର ୧୪ ପ୍ରତିଶତ ରାଜ୍ୟ ସରକାର ଓ ଟାଟା ଟେକ୍ନୋଲୋଜି ୮୬ ପ୍ରତିଶତ ଅର୍ଥ ବହନ କରିବ । ଆଇଟିଆଇଗୁଡ଼ିକରେ ଅତ୍ୟାଧୁନିକ ପରୀକ୍ଷାଗାର ଏବଂ ଶିଳ୍ପ ଉପଯୋଗୀ ଆଧୁନିକ ଯନ୍ତ୍ରପାତି ସ୍ଥାପନ କରାଯିବ । କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର, ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମି ମହାପାତ୍ର, କାୱାସାକି ରୋବୋଟିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ହିରୋଶି ମିୟାକେ, ୟୁନିସେଫ୍ ଓଡ଼ିଶା କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାନ୍ତ ଦାଶ, ଆତ୍ରେୟ ଗ୍ଲୋବାଲ୍ ପ୍ରାଇଭେଟ୍ ଲିମିଟେଡ୍ ମୁଖ୍ୟ ପରିଚାଳନା ଅଧିକାରୀ ପ୍ରଦୀପ୍ତ କୁମାର ଦାସ ଏବଂ ଟାଟା ଟେକ୍ନୋଲୋଜି ଗ୍ଲୋବାଲ୍ ଡେଲିଭରୀ ମୁଖ୍ୟ ୟତେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ ଶିଳ୍ପ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ପଶ୍ଚିମ ଓଡ଼ିଶାକୁ ଯୋଗାଯୋଗ ବଢ଼ାଇବ ହାୱଡ଼ା-ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍ ସମ୍ପ୍ରସାରଣ



ଭୁବନେଶ୍ୱର, ୧୮ ।୨ (ସମିସ): ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ହାୱଡ଼ା-ଟିଟଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି । ଏହି ସମ୍ପ୍ରସାରଣ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କ ପାଇଁ ଅଧିକ ଯାତ୍ରୀ ସୁବିଧା, ଉନ୍ନତ ସୁଗମତା ଏବଂ ନୂତନ ସୁଯୋଗ ଆଣିବ । ଜୁନାଗଡ଼ ରୋଡ୍ ଏବଂ ଟିଟିଲାଗଡ଼ ମଧ୍ୟରେ ସମ୍ପ୍ରସାରିତ ଭାଗର ଉଦଘାଟନୀ କାର୍ଯ୍ୟକ୍ରମ ଫେବୃଆରୀ ୧୯ରେ ଅନୁଷ୍ଠିତ ହେବ, ଯାହା ଏହି ଅଞ୍ଚଳରେ ରେଳ ସେବାକୁ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଚିହ୍ନିତ ହେବ । ଟ୍ରେନ୍ ନମ୍ବର ୧୨୮୭୧ (ହାଓଡ଼ା-ଟିଟଲାଗଡ଼ ଏକ୍ସପ୍ରେସ୍) ଏବେ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ଚାଲିବ, ଯାହା ୨୧ ରୁ ହାଓଡ଼ାରୁ ଯାତ୍ରା ଆରମ୍ଭ ହେବ । ଟ୍ରେନ ନମ୍ବର ୧୨୮୭୨ (ଟିଟଲାଗଡ଼-ହାଓଡ଼ା ଏକ୍ସପ୍ରେସ) ୨୨ ରୁ ଜୁନାଗଡ଼ ରୋଡରୁ ଚଳାଚଳ ଆରମ୍ଭ ହେବ । ସମ୍ପ୍ରସାରିତ ହାଓଡ଼ା-ଟିଟଲାଗଡ଼ - ଜୁନାଗଡ଼ ରୋଡ ଇସ୍ପାତ ଏକ୍ସପ୍ରେସ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ କେସିଙ୍ଗା, ଲାଞ୍ଜିଗଡ଼ ରୋଡ ଏବଂ ଭବାନୀପାଟଣା ଷ୍ଟେସନରେ ରହଣି କରିବ । ହାଓଡ଼ା ଏବଂ ଟିଟଲାଗଡ଼ ମଧ୍ୟରେ ସମସ୍ତ ବିଦ୍ୟମାନ ରହଣି ଏବଂ ସମୟ ଅପରିବର୍ତ୍ତିତ ରହିବ । ଟ୍ରେନଟି ହାଓଡ଼ା ଏବଂ ଟିଟଲାଗଡ଼ ମଧ୍ୟରେ ଏକ ସୁପରଫାଷ୍ଟ ଏକ୍ସପ୍ରେସ ଏବଂ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ ଏକ ମେଲ/ଏକ୍ସପ୍ରେସ ସେବା ଭାବରେ କାର୍ଯ୍ୟ କରିବ ।

## ଏଆଇରେ ପରିଚୟ ପାଇବାକୁ ହେଲେ ଭାରତକୁ ଟିକସ ଛାଡ଼ କରିବା ଅତ୍ୟନ୍ତ ଜରୁରୀ: ଏନ୍‌ଭିଡିଆ

ନୂଆଦିଲ୍ଲୀ,୧୮ ।୨(ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ରେ ନିବେଶ ବୃଦ୍ଧି କରିବା ପାଇଁ ବଜେଟରେ ପ୍ରଦାନ କରାଯାଇଥିବା ଟିକସ ପ୍ରୋତ୍ସାହନ ବିଦେଶୀ କମ୍ପାନୀଗୁଡ଼ିକୁ ଆକର୍ଷିତ କରିପାରିବ ଏବଂ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଏଆଇ ହବ୍ ଭାବରେ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିପାରିବ । ଯଦି ନିବେଶ ବୃଦ୍ଧି କରାଯାଏ, ତେବେ ଏହା ଦେଶରେ ପ୍ରଯୁକ୍ତିବିଦ୍ୟା ବିକାଶ, ନିଯୁକ୍ତି ସୁଯୋଗ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ସୁଦୃଢ଼ କରିବ । ଭାରତ ବର୍ତ୍ତମାନ ଏଆଇ କ୍ଷେତ୍ରରେ ପ୍ରାୟ ୧.୨ ବିଲିୟନ ଡଲାର ନିବେଶ କରୁଛି । ତଥାପି, ଏହାକୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ଯଥେଷ୍ଟ ବିବେଚନା କରାଯାଉନାହିଁ । ବିଶେଷଜ୍ଞମାନେ କୁହନ୍ତି ଯେ ଏଆଇ ପ୍ରଯୁକ୍ତିବିଦ୍ୟାରେ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିବା ଏବଂ ବିଶ୍ୱର ଅନ୍ୟ ଦେଶମାନଙ୍କ ସହିତ ପ୍ରତିଯୋଗିତା କରିବା ପାଇଁ ଆହୁରି ନିବେଶ ଆବଶ୍ୟକ ।

ଏନ୍‌ଭିଡିଆର ବରିଷ୍ଠ ଉପାଧ୍ୟକ୍ଷ ଶଙ୍କର ତ୍ରିବେଦୀ କହିଛନ୍ତି ଯେ ବଜେଟ୍ ୨୦୨୬-୨୭ ରେ ବିଦେଶୀ କମ୍ପାନୀଗୁଡ଼ିକ ପାଇଁ ୨୦ ବର୍ଷର ଟିକସ ଛାଡ଼ ଘୋଷଣା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯେଉଁ ବିଦେଶୀ କମ୍ପାନୀଗୁଡ଼ିକ ଡାଟା ସେଣ୍ଟର ସେବା ବ୍ୟବହାର କରନ୍ତି କିମ୍ବା ଭାରତରେ ନିଜସ୍ୱ ଡାଟା ସେଣ୍ଟର ନିର୍ମାଣ କରନ୍ତି ସେମାନେ ୨୦୪୭ ପର୍ଯ୍ୟନ୍ତ ଟିକସ ଛାଡ଼ ପାଇବେ । ଏହା ନିବେଶକମାନଙ୍କୁ ଭାରତରେ ଏଆଇ ଭିତ୍ତିଭୂମି ନିର୍ମାଣ ଏବଂ ନିବେଶକୁ ଆକର୍ଷିତ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିବ ।

## 'ପରିବର୍ତ୍ତନ' କାର୍ଯ୍ୟକ୍ରମ: ୩୮.୭୪ ଲକ୍ଷରୁ ଅଧିକ ଲୋକ ଲାଭାନ୍ୱିତ




ଭୁବନେଶ୍ୱର,୧୮ ।୨(ସମିସ) : ଭାରତର ସର୍ବବୃହତ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ୍‌ଡିଏଫ୍‌ସି ତାହାର ସିଏସଆର୍ ଶାଖା ପରିବର୍ତ୍ତନ ଜରିଆରେ ଓଡ଼ିଶାରେ ଆଜିସୁଦ୍ଧା ୩୮.୭୪ ଲକ୍ଷରୁ ଅଧିକ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇଛି । ରାଜ୍ୟରେ ବ୍ୟାଙ୍କ ୨୦୧୭ରୁ ସକ୍ରିୟ ରହିଛି ଏବଂ ଓଡ଼ିଶାର ୩୦ ଜିଲ୍ଲା ମଧ୍ୟରୁ ୭ଟି ଆକାଂକ୍ଷୀ ଜିଲ୍ଲା ଏବଂ ୬ଟି ଆକାଂକ୍ଷୀ ବ୍ଲକ ସମେତ ୨୨ଟି ଜିଲ୍ଲାରେ ଏହା ସେବା ଯୋଗାଉଛି । ପରିବର୍ତ୍ତନ ଅଧୀନରେ ବ୍ୟାଙ୍କ ୬ଟି ମୁଖ୍ୟ କ୍ଷେତ୍ର ଓଡ଼ିଶାରେ ଗ୍ରାମାଞ୍ଚଳ ବିକାଶ,ଶିକ୍ଷାକୁ ପ୍ରୋତ୍ସାହନ ଏବଂ ଦକ୍ଷତା ତାଲିମ ଓ ଜୀବିକା ପରିବର୍ଦ୍ଧନ ସର୍ବାଧିକ ଉଲ୍ଲେଖନୀୟ ପ୍ରଭାବ ପକାଇଛି । ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପରିବର୍ତ୍ତନ କାର୍ଯ୍ୟକ୍ରମ ସମଗ୍ର ଓଡ଼ିଶାରେ ୩୦ ଜିଲ୍ଲା ମଧ୍ୟରୁ ୨୨ଟି ଜିଲ୍ଲାରେ ଚାଲୁ ରହିଥିବା ଏବଂ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡିକୁ ମିଶାଇ ଏକ ମଜଭୁତ ଓ ଦୀର୍ଘସ୍ଥାୟୀ ଉପସ୍ଥିତି ନିର୍ମାଣ କରିଛି । ବ୍ୟାଙ୍କ ଓଡ଼ିଶାର ବଲାଙ୍ଗୀର, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, ମାଲକାନାଗିରି, ନବରଙ୍ଗପୁର ଏବଂ ରାଗୟଗଡା ଆଦି ୭ଟି ଆକାଂକ୍ଷୀ ଜିଲ୍ଲାରେ ସଫଳତାର ସହିତ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିଥିବା ଏଚ୍‌ଡିଏଫସି ବ୍ୟାଙ୍କର ହେଡ୍ ସିଏସ୍‌ଆର ସୁଶ୍ରୀ ନୁସରତ ପଠାନ୍ କହିଛନ୍ତି ।

### ଏପ୍ରିଲ ପହିଲାରୁ ଆୟକର ଓ ବିତ୍ତୀୟ ନିୟମରେ ବଡ଼ ପରିବର୍ତ୍ତନ

# ପାନ୍ କାର୍ଡଠାରୁ ସେୟାର ବଜାର ନିୟମାବଳୀ ଯାଏଁ ସବୁ ବଦଳିବ

ନୂଆଦିଲ୍ଲୀ,୧୮ ।୨ (ଏଜେନ୍ସି):ନୂତନ ଆର୍ଥିକ ବର୍ଷ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବାକୁ ଯାଉଥିବା ଅନେକ ପ୍ରମୁଖ ଆୟକର ଏବଂ ଆର୍ଥିକ ନିୟମାବଳୀ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘୋଷଣା କରିଛନ୍ତି । ୨୦୨୬ ବଜେଟରେ ପାନ୍ କାର୍ଡ ବ୍ୟବହାର, ନଗଦ କାରବାର, ପିଲାମାନଙ୍କ ଶିକ୍ଷା ପାଇଁ ଟିକସ ଛାଡ଼, ନିବେଶ-ସଂଯୁକ୍ତ ଟିକସ ଏବଂ ସେୟାର ବଜାର ନିୟମାବଳୀ ସମେତ ଅନେକ ପରିବର୍ତ୍ତନ ଘୋଷଣା କରାଯାଇଛି । ଏହି ପରିବର୍ତ୍ତନଗୁଡ଼ିକର ଲକ୍ଷ୍ୟ ହେଉଛି ଛୋଟ କାରବାରରେ ଜନସାଧାରଣଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଏବଂ ବଡ଼ କାରବାର ଉପରେ ସରକାରୀ ତଦାରଖକୁ ସୁଦୃଢ଼ କରିବା ।




**ପାନ କାର୍ଡ ଝାମେଲା କମିବ**

ଏଣିକି ଛୋଟ ଛୋଟ ଆର୍ଥିକ କାରବାର ପାଇଁ ପାନ କାର୍ଡ ଆବଶ୍ୟକ କରିବାର ଝାମେଲା ହ୍ରାସ ପାଇବ । ବର୍ଷସାରା ବ୍ୟାଙ୍କ କିମ୍ବା ଡାକ ଘରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ ଜମା କିମ୍ବା ଉଠାଣ ପାଇଁ ପାନ ପ୍ରଦାନ କରିବା ଆଉ ବାଧ୍ୟତାମୂଳକ ହେବ ନାହିଁ । ହୋଟେଲ, ରେଷ୍ଟୋରାଁ କିମ୍ବା କାର୍ଯ୍ୟକ୍ରମରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଲ୍ ପାଇଁ ପାନ୍ ବିବରଣୀ ପ୍ରଦାନ କରିବା ଆଉ ଆବଶ୍ୟକ ହେବ ନାହିଁ । ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ନୂତନ କାର କିମ୍ବା ମୋଟରସାଇକେଲ କ୍ରୟ ପାଇଁ ଆଉ ପାନ୍ ଦରକାର ହେବ ନାହିଁ । ସେହିପରି, ଘର କିମ୍ବା ଫ୍ଲାଟ କିଣିବା ସମୟରେ, ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର ପାଇଁ ଆଉ ପାନ୍ କାର୍ଡ ଆବଶ୍ୟକ ହେବ ନାହିଁ । ଏନ୍‌ଆର୍‌ଆଇଙ୍କଠାରୁ ସମ୍ପତ୍ତି କିଣିବାରେ ମଧ୍ୟ ପ୍ରକ୍ରିୟା ସରଳ କରିବାକୁ ଯାଇ ଟାନ୍ ବଦଳରେ ପାନ୍ ବ୍ୟବହାର କରାଯିବ ।

**ବୀମା ଏବଂ କ୍ଷତିପୂରଣ ନିୟମ**

ବୀମା କ୍ଷେତ୍ରରେ ପ୍ରତ୍ୟେକ ପଲିସି କ୍ରୟ ପାଇଁ ଏବେ ପାନ୍ ପ୍ରଦାନ କରିବା ବାଧ୍ୟତାମୂଳକ ହେବ । ଆହୁରିମଧ୍ୟ ମୋଟର ଦୁର୍ଘଟଣା କ୍ଲେମ୍ ଉପରେ ସୁଧ ଏବେ କରମୁକ୍ତ ହେବ ଏବଂ ସେଥିରୁ ଟିଡିଏସ୍ କଟାଯିବନାହିଁ । ଏହା ଦୁର୍ଘଟଣା ପୀଡିତଙ୍କ ପାଇଁ ସମ୍ପୂର୍ଣ୍ଣ କ୍ଷତିପୂରଣ ସୁନିଶ୍ଚିତ କରିବ ଏବଂ ପ୍ରଶାସନିକ କାର୍ଯ୍ୟକୁ ସରଳ କରିବ ।

**ଶିଶୁ ଶିକ୍ଷା ଉପରେ ବୃଦ୍ଧିତ ଟିକସ କାଟ**

ପୂର୍ବରୁ, ପିଲାମାନଙ୍କ ଶିକ୍ଷା ଭତ୍ତା ଉପରେ ଟିକସ ଛାଡ ପ୍ରତି ମାସରେ କେବଳ ୧୦୦ ଟଙ୍କା ଥିଲା, କିନ୍ତୁ ଏବେ ପ୍ରତି ପିଲା ପାଇଁ ଏହାକୁ ପ୍ରତି ମାସରେ ୩୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ୩୦୦ ଟଙ୍କା ଥିବା ହଷ୍ଟେଲ ଭତ୍ତା ଛାଡକୁ ଏବେ ପ୍ରତି ପିଲା ପାଇଁ ପ୍ରତି ମାସରେ ୯୦୦୦ ଟଙ୍କା କୁ ବୃଦ୍ଧି କରାଯାଇଛି । ଏହା ସାଧାରଣ ପରିବାରକୁ ପିଲାମାନଙ୍କ ଶିକ୍ଷା ଏବଂ ହଷ୍ଟେଲ ଖର୍ଚ୍ଚ ଉପରେ ଯଥେଷ୍ଟ ଆଶ୍ୱସ୍ତି ପ୍ରଦାନ କରିବ ।

**ସେୟାର ବଜାର ନିୟମରେ ପରିବର୍ତ୍ତନ**

ସେୟାର ବାଇବ୍ୟାକ୍‌ରୁ ପ୍ରାପ୍ତ ଆୟକୁ ଏବେ ପୁଞ୍ଜି ଲାଭ ଭାବରେ କର ଦିଆଯିବ । ଫ୍ୟୁଚର୍ସ ଟ୍ରେଡିଂ ଉପରେ ଏସ୍‌ଟିଟି ୦.୦୫% ଏବଂ ଅପ୍ସନ ପ୍ରିମିୟମ ଉପରେ ୦.୧୫% କୁ ବୃଦ୍ଧି କରାଯାଇଛି, ଯାହା ଦ୍ୱାରା ଟ୍ରେଡିଂ ଖର୍ଚ୍ଚ ବୃଦ୍ଧି ପାଇଛି । ଅଡିଟ୍ ହୋଇନଥିବା ବ୍ୟବସାୟ ଏବଂ ବୃତ୍ତିଗତଙ୍କ ପାଇଁ ଆଇଟିଆର୍ ଫାଇଲ କରିବାର ଶେଷ ତାରିଖ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ତଥାପି, ସାଧାରଣ ବେତନଭୋଗୀ ବ୍ୟକ୍ତି ଏବଂ ଆଇଟିଆର୍-୧/୨ ଫାଇଲ କରୁଥିବା ବ୍ୟକ୍ତିମାନଙ୍କୁ ଜୁଲାଇ ୩୧ ସୁଦ୍ଧା ଟିକସ ରିଟର୍ଣ୍ଣ ଫାଇଲ କରିବାକୁ ପଡିବ ।

